# ଶ୍ରୀ ଜଗନ୍ନାଥ

ପ୍ରିୟତମା ମହାନ୍ତି



"ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃନ
ଜାନାନ୍ତି କୁତୋଃ ମନୁଷ୍ୟାଃ"

ଶ୍ରୀକ୍ଷେତ୍ର ପୁରୀ ବିଭିନ୍ନ କ୍ଷେତ୍ର ନାମରେ ବିଦିତ । ଯିଏ ଯେଉଁ କ୍ଷେତ୍ର ନାମରେ ଜାଣି ଥାଆନ୍ତୁ ନା କାହିଁକି ସିଧା ବହୁ ଦୂରରୁ ପତିତପାବନ ବାନା ଓ ମହୋଦଧିକୁ ଲକ୍ଷ୍ୟ ଲଗାଇଲେ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତକୁ ଡୋରିରେ ଟାଣି ଆଣିବେ । ତେବେ ଏହି କ୍ଷେତ୍ର ର ବିଶେଷ ନାମ ଗୁଡିକ ହେଲା - ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ଦଶାବତାର କ୍ଷେତ୍ର, ଭୌମ କ୍ଷେତ୍ର, ଦିବ୍ୟ କ୍ଷେତ୍ର, ଉଡ୍ଡିୟନ କ୍ଷେତ୍ର, ଯାମନିକ କ୍ଷେତ୍ର, ନୀଳାଚଳ କ୍ଷେତ୍ର, ବ୍ରହ୍ମ କ୍ଷେତ୍ର, ଅନ୍ନକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ମୋକ୍ଷ କ୍ଷେତ୍ର ଓ ମର୍ତ୍ତ୍ୟ ବୈକୁଣ୍ଠ ।

ସଂସ୍କାର ଧର୍ମୀ ପ୍ରତ୍ୟେକ ମାନବର ଜୀବନରେ ଥରେ ମାତ୍ର ହେଉ ପଛେ ତୀର୍ଥ ଦର୍ଶନ କରିବାର ଅଭିଳାଷ ଥାଏ । ସୁଯୋଗ,ସୁବିଧା ଓ ବିଭୁକୃପାକୁ ଅପେକ୍ଷା କରି ରହିଥାଏ । ଚାତକ ପରି ଚାହିଁ ଥାଏ ପ୍ରଭୁ କେବେ କୃପା କରିବେ । ସେହି ତୀର୍ଥ ଦର୍ଶନ ମଧ୍ୟରେ ମୁଖ୍ୟ ତୀର୍ଥ ଗୁଡିକ ସୃଷ୍ଟିର ଆରମ୍ଭ ରୁ ସୃଷ୍ଟ । ପରମ ପିତା ବ୍ରହ୍ମାଙ୍କ ପୁଷ୍କର ତୀର୍ଥ, ଚାରିଧାମ : ବଦ୍ରିନାଥ, ରାମନାଥ ବା ରାମେଶ୍ୱର, ଦ୍ୱାରକାନାଥ, ଜଗନ୍ନାଥ । ଏହିଧାମ ଦର୍ଶନ ପରେ ଅନ୍ୟ କ୍ଷେତ୍ରଟି ହେଉଛି ଶ୍ରୀ ନାଥ । ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ଚାରି ଧାମ ଦର୍ଶନର ପୁଣ୍ୟ ଫଳ ମିଳେ ବୋଲି କଥିତ ଅଛି ।

ସର୍ବେଷାଂ ଚୈବ କ୍ଷେତ୍ରାଣାଂ
ରାଜା ଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ
ରାଜା ଶ୍ରୀ ପୁରୁଷୋତ୍ତମଃ ॥

ପରଂବ୍ରହ୍ମଙ୍କର ଦାରୁରୂପର ନାମ ପୁରୁଷୋତ୍ତମ । ତତ୍ତ୍ୱ ପୁରୁଷୋତ୍ତମ, ଏବଂ ଲୀଳା ସ୍ଥଳୀର ନାମ ପୁରୁଷୋତ୍ତମ ।

"ଲୋକ ଲୋଚନେ ଦାରୁ ଦେହ
ତତ୍ତ୍ୱରେ ଚିଦାନନ୍ଦ ମୟ"

ଦାରୁବ୍ରହ୍ମ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଦିବ୍ୟ ନୀଳାଚଳ ଧାମରେ କେଉଁ ଅନାଦି କାଳରୁ ଦାରୁ ରୂପରେ ପୂଜା ପାଉ ଅଛନ୍ତି । ଶ୍ରୀ ମନ୍ଦିର ଗର୍ଭ ଗୃହରେ ରତ୍ନସିଂହାସନରେ ଚତୁର୍ଭୁଜ ନାରାୟଣଙ୍କ ପରିବର୍ତ୍ତେ ଶୋଭା ପାଉଛନ୍ତି ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତି । କୋଟି ବ୍ରହ୍ମାଣ୍ଡର ନାଥ କୈବଲ୍ୟ ଦାତା ଶ୍ରୀ ଜଗନ୍ନାଥଙ୍କର ସବୁକିଛି ଲୌକିକ । ସମସ୍ତେ ତାଙ୍କ ଚକା ଆଖିରେ ସମାନ । ତାଙ୍କ ପତିତପାବନ ବାନା ଧନି ଦରିଦ୍ର,ଉଚ୍ଚନିଚ,ଜାତି ଧର୍ମ ବର୍ଣ୍ଣ, ସଂମ୍ପ୍ରଦାୟ ନିର୍ବି ଶେଷରେ ପବନ ହିଲ୍ଲୋଳରେ ହାତ ଠାରି କାହିଁ କେତେ ଦୂରରୁ ଡାକୁଛି "ଆ ସବୁ ପାପ ତାପ ମୋତେ ଦେଇ ସବୁ ପୂଣ୍ୟ ଶରଧାରେ ନେଇ ଯା" । ମାନବ ଧର୍ମର ପ୍ରତିଷ୍ଠା ନିମିତ୍ତ ତାଙ୍କର ଦାରବ ଲୀଳା । ମାନବ ପରି ଦୁଃଖ କଷ୍ଟ ସହି ଜଗତରୁ ଅନ୍ୟାୟ ଅନୀତି ଦୂର କରିବା ପାଇଁ ଦଶ ଅବତାର ଗ୍ରହଣ କରଛନ୍ତି , କିନ୍ତୁ ଜଗନ୍ନାଥ ଅବତାର ନୁହନ୍ତି , ସେ ଅବତାରୀ ପୁରୁଷ, ସେ ଜଗତର ନାଥ । ମାତ୍ର ଓଡିଆ ଜାତି ତାଙ୍କ ପାଇଁ ଗର୍ବିତ । ଜଗନ୍ନାଥ ଙ୍କୁ ଛାଡି ଦେଲେ ଓଡିଶା ଓ ଓଡିଆ ଜାତିର ଅସ୍ତିତ୍ୱ ରହିବ ନାହିଁ ।

ମାନବ ଜୀବନର ସାଂସାରିକ କର୍ତ୍ତବ୍ୟ ମଧ୍ୟରେ ସଦା ସର୍ବଦା ସେ ନିମଜ୍ଜିତ ହୋଇଥାଏ । ଯେତେବେଳେ କିଛି ତୀର୍ଥ ଦର୍ଶନର ଭାବ ତା ହୃଦୟକୁ ଛୁଇଁ ଯାଏ, ସେତେବେଳେ ସେ ବିଭୁକୃପା ଲାଭ କରେ ।

ତୀର୍ଥ ଦର୍ଶନର ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି ଚାରିଧାମ । ଚାରିଯୁଗରେ ଚାରିଧାମର ସୃଷ୍ଟି । ସତ୍ୟ ଯୁଗରେ ବଦ୍ରିନାଥ, ତ୍ରେତୟା ଯୁଗରେ ରାମନାଥ ବା ରାମେଶ୍ୱର, ଦ୍ୱାପର ଯୁଗରେ ଦ୍ୱାରକା ନାଥ ଓ କଳି ଯୁଗରେ ଶ୍ରୀ ଜଗନ୍ନାଥ ।

ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଓଡିଶାର ପୁରୀ ଜିଲ୍ଲାର ଶ୍ରୀକ୍ଷେତ୍ର ପୁରୀ ଠାରେ ମହୋଦଧି ତୀରରେ ଶ୍ରୀ ମନ୍ଦିରରେ ବିରାଜିତ । ମାନବ ଧର୍ମର ପ୍ରତୀକ ବାଦରେ ସେ ଶ୍ରୀମନ୍ଦିର ଗର୍ଭ ଗୃହର ରତ୍ନସିଂହାସନରେ ବଡଭାଇ ଶ୍ରୀ ବଳଭଦ୍ର,ଭଉଣୀ ମା' ସୁଭଦ୍ରା ଓ ନିଜେ ତାଙ୍କ ଆୟୁଧ ସୁଦର୍ଶନଙ୍କ ସହିତ ଚତୁର୍ଦ୍ଧା ମୁର୍ତ୍ତୀ ରୂପେ ପୂଜିତ । ଜଗନ୍ନାଥ ରାଜାଧିରାଜ ସେ ଭକ୍ତଙ୍କୁ ନ ଦେଖିଲେ ଓ ଭକ୍ତ ତାଙ୍କୁ ନ ଦେଖିଲେ କାହାକୁ ଶାନ୍ତି ମିଳେ ନାହିଁ । ଭକ୍ତ ଙ୍କ ଭିଡ ମଧ୍ୟରେ ଖାଲି ଦିନେ ନୁହେଁ ପ୍ରତ୍ୟେକ ଦିନ ଭକ୍ତଙ୍କ ମହା ସମୁଦ୍ର ମଧ୍ୟରେ ସେ ଚିନ୍ତାମଣିଙ୍କୁ ଚିନ୍ତା କରିକରି ଦର୍ଶନ କରିବା ପରମ ଭାଗ୍ୟ । ଭକ୍ତଙ୍କ ସହ ସେ ଲୁଚକାଳି ଖେଳନ୍ତି । ଚକା ଆଖିରେ ସେ କିନ୍ତୁ ସମସ୍ତଙ୍କୁ ଦେଖୁ ଥାଆନ୍ତି ।

ସାଧାରଣ ଭକ୍ତଙ୍କୁ ବାଦ ଦେଲେ ଏହି ସର୍ବ ଧର୍ମ ସମନ୍ୱୟ କ୍ଷେତ୍ରରେ ମହନୀୟ ଭକ୍ତବୃନ୍ଦ ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀ ଚୈତନ୍ୟ, କବୀର, ନାନକ ଓ ଅତିବଡି ଜଗନ୍ନାଥ ଦାସ, ଶିଶୁ ଅନନ୍ତ, ଯଶୋବନ୍ତ, ବଳରାମ ପ୍ରଭୃତି ପଞ୍ଚସଖା ନିଜ ନିଜ ଧର୍ମଭାବ ଓ ରୀତିନୀତିରେ ପ୍ରଭୂଙ୍କୁ ଦର୍ଶନ କରି ଥାଆନ୍ତି ।

ମାନବଙ୍କ ପରି ଚତୁର୍ଦ୍ଧାମୂର୍ତ୍ତୀଙ୍କର ବେଶ ପରିପାଟୀ ଅତି ଚମତ୍କାର ଓ ଅବର୍ଣ୍ଣନୀୟ । ବାରମାସରେ ବିଭିନ୍ନ ପର୍ବରେ ୩୨ ଟି ସ୍ୱତନ୍ତ୍ର ବେଶ ହୁଅନ୍ତି । ତାଙ୍କର ନିତ୍ୟ କର୍ମର ଶୈଳୀ ବିଭିନ୍ନ ବେଶରେ ଦୃଷ୍ଟ ହୁଏ ।

ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡ ଶରଧାବାଲିର ମର୍ଯ୍ୟାଦା ଲାଭ କରିଛି । ସେହି ଶରଧାବାଲିରେ ସମସ୍ତଙ୍କର ଶରଧା ମୁଣ୍ଡରେ ନ ଲଗାଇଲେ ଭକ୍ତକୁ ଶାନ୍ତି ମିଳେନାହିଁ । ପ୍ରଭୂଙ୍କ ମନ୍ଦିରର ନୀଳଚକ୍ର, ନୀଳଚକ୍ରର ବାନା ଯାହା ଭକ୍ତର ପତିତପାବନ ବାନା ତାହା ବହୁ ଦୂରରୁ ଦୃଶ୍ୟ ମାନ ହୁଏ । ଶ୍ରୀ ମନ୍ଦିର ଚର୍ତୁଃପାର୍ଶ୍ୱରେ ପରିବେଷ୍ଟିତ ମେଘନାଦ ପାଚେରୀ । ମନ୍ଦିରରେ ଚାରୋଟି ଦ୍ୱାର ରହିଛି । ପୂର୍ବ ଦିଗର ଦ୍ୱାରକୁ ସିଂହଦ୍ୱାର କହନ୍ତି । ଏହି ସିଂହଦ୍ୱାରରେ ମନ୍ଦିରକୁ ପ୍ରବେଶ କରାଯାଏ । ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଶରୀର ଓ ମନ ପବିତ୍ର ରଖିବା ପାଇଁ ନିକଟସ୍ଥ ପାଣି କଳରେ ହାତ ଗୋଡ ଧୋଇବା ଉଚିତ୍ ମନେ କରି ଭକ୍ତ ତାହା ଆଗ୍ରହରେ କରନ୍ତି ।

ଏହି ସିଂହ ଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ବିଦ୍ୟମାନ । ସ୍ତମ୍ଭର ଅଗ୍ର ଭାଗରେ ସ୍ୱୟଂ ସୂର୍ଯ୍ୟଦେବଙ୍କ ସାରଥି ଅରୁଣ ଯୋଡ ହସ୍ତରେ ବିରାଜ ମାନ । ଏହାର ଉଚ୍ଚତା ପ୍ରାୟ ୧୦ ମିଟର ଓ ସ୍ତମ୍ଭଟି ଗୋଟିକିଆ ମୁଗୁନି ପଥରରେ ନିର୍ମିତ । ଏହା କୋଣାର୍କ ମନ୍ଦିରରେ ଥିଲା । କୋଣାର୍କ ସୂର୍ଯ୍ୟ ମନ୍ଦିର ଭଗ୍ନ ଅବସ୍ଥାରେ ରହିଥିବାରୁ ଅରୁଣ ସ୍ତମ୍ଭ ପୁରୀକୁ ଅଣାଯାଇ ଶ୍ରୀମନ୍ଦିର ସମ୍ମୁଖରେ ପ୍ରତିଷ୍ଠା କରାଯାଥିଲା ।

ପ୍ରଥମେ ଅରୁଣ ସ୍ତମ୍ଭରେ ମଥାନତ କରି ଶ୍ରୀମନ୍ଦିରରେ ପ୍ରବେଶ କରାଯାଏ । ଏହି ସିଂହଦ୍ୱାରର ଦ୍ୱାର ବନ୍ଧର ଦୁଇ ପାର୍ଶ୍ୱରେ ଜୟବିଜୟଙ୍କ ମୂର୍ତ୍ତୀ । ଦୁଇଟି ପ୍ରକାଣ୍ଡ କାୟ ସିଂହ ମୂର୍ତ୍ତି ଦୁଇ ପାର୍ଶ୍ୱରେ ସ୍ଥାପିତ ହୋଇଥିବାରୁ ଏହାକୁ ସିଂହଦ୍ୱାର କହନ୍ତି । ଦ୍ୱାରବନ୍ଧର ଉପର ଭାଗରେ ତୋରଣ ଲକ୍ଷ୍ମୀ ଶୋଭା ପାଉଛନ୍ତି । ଏହି ଦ୍ୱାରରେ ପ୍ରଭୂ ରଥକୁ ବିଜେ କରନ୍ତି ଓ ନିଳାଦ୍ରୀ ବିଜେ କରନ୍ତି ।

ସିଂହଦ୍ୱାର ଅତିକ୍ରମ କଲାପରେ ସୁଉଚ୍ଚ ପ୍ରସ୍ତର ପିଣ୍ଡି ଉପରେ ଜଗନ୍ନାଥଙ୍କ ପତିତପାବନ ମୁର୍ତ୍ତି ଦକ୍ଷିଣ ପାର୍ଶ୍ୱରେ ବିରାଜିତ । ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କ ଦର୍ଶନ କରିପାରନ୍ତି । ତାଙ୍କ ଦକ୍ଷିଣରେ ନୃସିଂହ ମହାପ୍ରଭୂ, ହନୁମାନ ଓ ବାମ ପଟରେ ରାଧାକୃଷ୍ଣ ଙ୍କ ଦର୍ଶନ ମିଳେ । ଗୁମୁଟ ପାହାଚ ତଳେ ପାପକୁଣ୍ଡ ରହିଛି । ବାଇଶି ପାହାଚ ଚଢିବାବେଳେ ବାମ ପଟେ କାଶୀବିଶ୍ୱନାଥ ମନ୍ଦିର ଅଛି । ଏଠାରେ ବିଶ୍ୱନାଥ ପୂଜା ପାଉଛନ୍ତି । ଶ୍ରାଦ୍ଧ ଦିବସ ମାନଙ୍କରେ ବାଇଶି ପାହାଚରେ ପିଣ୍ଡଦାନ ପିତୃପୁରୁଷ ଙ୍କ ଉଦେଶ୍ୟରେ କରାଯାଏ ଓ ମନ୍ଦିର ଦର୍ଶନ ପରେ ଫେରିଲା ବେଳେ ଆନନ୍ଦ ବଜାରରୁ ମହା ପ୍ରସାଦ ଆଣି ପିତୃପୁରୁଷଙ୍କୁ ବାମ ପଟ କାନ୍ଥ ଖୋଲରେ ଅର୍ପଣ କରନ୍ତି । ଏହାଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି ଓ ଆଶିର୍ବାଦ କରନ୍ତି । ବାଇଶି ପାହାଚର ଦକ୍ଷିଣ କୁ ଉପରେ ଅଛି ଚାହାଣୀ ମଣ୍ଡପ । ବାହୁଡା ବେଳେ ଜଗନ୍ନାଥ ରଥରେ ଥିବା ବେଳେ ଲକ୍ଷ୍ମୀ ତାଙ୍କୁ ଏହି ମଣ୍ଡପରେ ଦର୍ଶନ କରନ୍ତି । ବନ୍ଦାପନା ହୁଏ, ଏହାକୁ ଭେଟ ମଣ୍ଡପ କୁହାଯାଏ ।

ବାଇଶି ପାହାଚ ପବିତ୍ର ମୟ ଓ ତତ୍ତ୍ୱମୟ । ଶ୍ରୀ ଚୈତନ୍ୟ ଅନେକ ସମୟରେ ଭାବାବିଷ୍ଟ ହୋଇ ଏଠାରେ ଉପବେଶନ କରି ଶାନ୍ତି ଓ ତୃପ୍ତି ଲାଭ କରୁଥିଲେ । ଏହା ମୁକ୍ତିର ପ୍ରଥମ ପଥ ପ୍ରଦର୍ଶକ ପଥ । ଭକ୍ତଙ୍କ ଦୃଷ୍ଟିରେ ବାଇଶି ପାହାଚ ଚତୁର୍ଦ୍ଦଶ ଭୂବନ ଓ ଅଷ୍ଟ ବୈକୁଣ୍ଠ । ମାଳିକା ପ୍ରସିଦ୍ଧ ଅଚ୍ୟୁତାନନ୍ଦଙ୍କ ପିତା ମାତା ସନ୍ତାନ କାମନା କରି ଜଗନ୍ନାଥଙ୍କୁ ଅହୋରାତ୍ର ପ୍ରାର୍ଥନା କରୁଥିଲେ । ଅପୁତ୍ରିକ ଦୋଷରୁ ଉଦ୍ଧାର ପାଇଁ ଜଗନ୍ନାଥ ତାଙ୍କୁ ସ୍ୱପ୍ନାଦେଶରେ ଦର୍ଶନର ନିର୍ଦ୍ଦେଶ ଦେଇଥିଲେ । ପ୍ରଭୂ ସ୍ୱପ୍ନାଦେଶ କଲେ "କାଲି ପ୍ରଭାତରେ ପହଡ଼ ଧୂପରେ ଗରୁଡ ପଛକୁ ଚାହିଁ , ତୃତୀୟ ପାହାଚରେ ଯାହାକୁ ଦେଖିବୁ, ସେ ତୋର ପୁତ୍ର ରୂପେ ଜନ୍ମ ନେବ " । କେତେକ ତାତ୍ତ୍ୱିକ ବଡଦେଉଳର ବାଇଶ ପାହାଚର ତୃତୀୟ ପାହାଚକୁ 'ତ୍ରିପୁର' କହନ୍ତି ।

ଅଚ୍ୟୁତାନନ୍ଦଙ୍କ ଭାଷାରେ -

"ଶୁଣ ବାବୁ ତୁହି ବ୍ରଜକୁମର
ସଂସାର ଜନମ ସ୍ଥାନ ତ୍ରିପୁର "
ନିତ୍ୟ ନୀଳାଚଳ ପୂର୍ବ ଦ୍ୱାରରେ
ଥମ୍ଭ ଗୋଟିକ ଅରୁଣ ନାମରେ "
ସେ ଠାବୁଁ ବିଂଶ ପାବଛ ଠାବେଣ
ତ୍ରିପୁର ଗ୍ରାମ ସୀମା ନିରୂପଣ ।
ଯେଉଁ ଠାରେ ବଳି ପାତାଳୀ ଥିତି
ସୁରମାନେ ଯେଉଁ ଠାରେ ଗମନ୍ତି
ମଞ୍ଚରେ ନିତ୍ୟ ସ୍ଥଳ ଅଟେ ସେହି
ସେଠାରେ ଗୋପ୍ୟାନ 'ତ୍ରିପୁର'ଭୁଇଁ "
(ବର୍ଣ୍ଣଟୀକା)

ଏଥିରୁ ସ୍ପଷ୍ଟ ହୁଏ ଯେ 'ତ୍ରିପୁର' ବଡଦେଉଳ ମଧ୍ୟସ୍ତ କିମ୍ବା ନିକଟସ୍ଥ ସ୍ଥାନ, କେତେକ ତାତ୍ତ୍ୱିକ ବଡ ଦେଉଳର ତୃତୀୟ ପାହାଚକୁ 'ତ୍ରିପୁର' କହିବା ଜାଣିବାକୁ ମିଳେ । ତେଣୁ ପ୍ରଭୂ ଜଗନ୍ନାଥଙ୍କ ସ୍ୱପ୍ନାଦେଶର ତାତ୍ପର୍ଯ୍ୟ ନିଜେ ଅଚ୍ୟୁତାନନ୍ଦ ପ୍ରମାଣିତ କରିଦେଇଛନ୍ତି । ବାଇଶ ପାହାଚ ତାତ୍ପର୍ଯ୍ୟରେ ତାଙ୍କ ମାଳିକା ଗ୍ରନ୍ଥରେ ଦର୍ଶାଇଛନ୍ତି 'ବାଇଶି ପାହାଚେ ମୀନ ଖେଳିବ' ତାଙ୍କ ଏହି ଉକ୍ତି ର ତାତ୍ପର୍ଯ୍ୟ ତାଙ୍କୁ ହିଁ ଜଣା । ମାତ୍ର ତାତ୍ତ୍ୱିକ ଦୃଷ୍ଟିରେ ଓ ଭକ୍ତ ଭାବନାରେ ପ୍ରକୃତରେ ବାଇଶି ପାହାଚରେ ମୀନ ରୂପୀ ପ୍ରଥମ ଅବତାରର ପ୍ରଭୁଜଗନ୍ନାଥ ନିଜେ ତ ଖେଳୁଛନ୍ତି । ଶ୍ରୀ ଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା ଓ ନିଳାଦ୍ରି ବିଜେ ସମୟରେ ପ୍ରଭୂ ଟାହିଆ ହଲାଇ ଢ଼ଳି ଢ଼ଳି ବାଇଶପାହାଚରେ ଜନ ସମୁଦ୍ରରେ ଝୁଲି ଝୁଲି ପହଁରିବାର ଦୃଶ୍ୟ ଅବର୍ଣ୍ଣନୀୟ । ଏହି ଦୃଷ୍ଟିରୁ ବାଇଶ ପାହାଚର ମହାତ୍ମ୍ୟ ଅତୁଳନୀୟ । ତାହା ସାଧାରଣ ପଥରର ପାହାଚ ହୋଇ ନ ପାରେ । କେବେ ପ୍ରଳୟ ହେବ, ବାଇଶ ପାହାଚରେ ପ୍ରକୃତ ମୀନ ଖେଳିବ ଓ ବରୁଣ ଦେବ ରତ୍ନସିଂହାସନରେ ବସିବେ । ତାହା ସମୟ କହିବ । ବାଇଶ ପାହାଚ ଅତିକ୍ରମ କଲାପରେ ବାମ ପଟରେ ଭୋଗମଣ୍ଡପରୁ ପାକଶାଳାପର୍ଯ୍ୟନ୍ତ ଥିବା ରାସ୍ତାରେ ଅଛନ୍ତି ଅଗ୍ନିଶ୍ୱର ମହାଦେବ । ସେ ଆଗ୍ନେୟ କୋଣର ସୁରକ୍ଷା କରନ୍ତି । ପ୍ରତିଦିନ ରୋଷ ହୋମ ହୋଇ ବ୍ରହ୍ମାଗ୍ନି ସ୍ଥାପିତ ହେବାପରେ ଅଗ୍ନିଶ୍ୱର ମହାଦେବ ଏହି ଅଗ୍ନିକୁ ରକ୍ଷା କରନ୍ତି । ସେହି ରାସ୍ତାରେ ଦକ୍ଷିଣକୁ କାନ୍ଥରେ ଅନନ୍ତ ଶୟନ ମୂର୍ତ୍ତି ଦେଖିବାକୁ ମିଳେ । ମା' ଲକ୍ଷ୍ମୀ ପ୍ରଭୁଙ୍କ ପାଦ ମଞ୍ଜାଳୁଛନ୍ତି ।

ତାପରେ କେତେ ପାଦ ଆଗକୁ ଗଲେ ବାମପଟେ ସତ୍ୟନାରାୟଣଙ୍କ ମନ୍ଦିର । ପ୍ରଭୁ ସତ୍ୟନାରାୟଣ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ ଅତ୍ୟନ୍ତ କମନୀୟ ମୂର୍ତ୍ତି । ତାପରେ ଆଗକୁ ଗଲେ କଳ୍ପବଟ,ବଟଗଣେଶ ଓ ତାଙ୍କ ବାଟ ଦେଇ ବାଟ ମଙ୍ଗଳାଙ୍କୁ ଦର୍ଶନ କରିହୁଏ । ଏହି କଳ୍ପବଟ ପ୍ରଳୟ ପରଠାରୁ ଏହିଠାରେ ଅଛନ୍ତି ବୋଲି ବିଶ୍ୱାସ । ବଟ ଗଣେଶଙ୍କ ନିକଟରେ ବସି ଅତିବଡି ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ତାଙ୍କ ମା ଶୁଣିବା ନିମନ୍ତେ ଓଡିଆରେ ଅନୁବାଦ କରିଥିଲେ । ବଟ ଗଣେଶଙ୍କ ନିକଟରେ ଜଗନ୍ନାଥ ଦାସ ଶ୍ରୀ ଚୈତନ୍ୟଙ୍କୁ ଗୁରୁ କରିଥିଲେ ଓ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା "ଅତିବଡି" ଉପାଧିରେ ଭୂଷିତ ହୋଇଥିଲେ । ଏହି ବଟବୃକ୍ଷକୁ କଳ୍ପବଟ କୁହାଯାଏ କାରଣ ଏଠାରେ ଭକ୍ତର ମାନସିକ ପୂରଣ ହୁଏ ।

ବଟ ଗଣେଶଙ୍କ ନିକଟସ୍ଥ ବାଟ ମଙ୍ଗଳାଙ୍କ ପର୍ଯ୍ୟନ୍ତ ଛୋଟ ରାସ୍ତାର ବାମ ପଟେ ପଞ୍ଚ ପାଣ୍ଡବଙ୍କର ଛୋଟ ଛୋଟ ଶିବ ମନ୍ଦିର ଅଛନ୍ତି । ଏହାର ଶେଷରେ ମାର୍କଣ୍ଡେୟଙ୍କ ମନ୍ଦିର ଅଛି । ପ୍ରଳୟ କାଳରେ ମାର୍କଣ୍ଡେୟ ଋଷି ଭାସିଗଲା ବେଳେ ବଟ ଉପରେ ଅଙ୍ଗୁଳି ପ୍ରମାଣ ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ । କଳ୍ପବଟ ପାଖ ରାସ୍ତାରେ ଗଲେ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦର୍ଶନ କରି ଆଦି ନୃସିଂହ ଓ ବହୁ ଛୋଟ ଛୋଟ ପୁରାତନ ମନ୍ଦିର ଦେଖିବାକୁ ମିଳେ । ତପ୍ୱରେ ଦେଖି ଥାଏ ରୋହିଣୀ କୁଣ୍ଡ । ଏହି କୁଣ୍ଡରେ ଭୂଷଣ୍ଡ କାକ ବୁଡିଯାଇ ଚତୁର୍ଭୁଜ ହୋଇଗଲା ।

ଥରେ ନାରାୟଣ ପ୍ରସନ୍ନ ହୋଇ ନୀଳାଚଳ ସମ୍ପର୍କରେ ବ୍ରହ୍ମାଙ୍କୁ ସୂଚନା ଦେଇଥିଲେ । ତଦନୁଯାୟୀ ବ୍ରହ୍ମା ଆବେଗ ପୂର୍ବକ ଭକ୍ତ ଧାମରେ ପ୍ରବେଶ କଲେ । ଭଗବାନ ଯେଉଁଠି ବାସ କରନ୍ତି ବ୍ରହ୍ମା ସେଠାକୁ ଗଲେ ଏବଂ ସ୍ତବପାଠପରେ ପ୍ରଭୁଙ୍କୁ ସେ ଯେପରି ଦେଖିଥିଲେ ଠିକ୍ ସେହିପରି ଦେଖିଲେ । ଆଶ୍ଚର୍ଯ୍ୟର କଥା ଯେ ବ୍ରହ୍ମା ହର୍ଷୋତ୍ଫୁଲ୍ଲ ଚିତ୍ତରେ ସ୍ତବ ପାଠ କରିବା ସମୟରେ କୌଣସି ସ୍ଥାନରୁ ପିପାସାର୍ତ୍ତ କାକ ପକ୍ଷୀଟିଏ ଉଡିଆସି ଜଳପୂର୍ଣ୍ଣ ରୋହିଣୀକୁଣ୍ଡରେ ବୁଡିଗଲା ଏବଂ ନୀଳମାଧବଙ୍କୁ ଦର୍ଶନ କରି ଭୂଲଣ୍ଠିତ ହେବାମାତ୍ରେ ଶରୀର ଛାଡି ଶଙ୍ଖଚକ୍ର ଗଦା ପଦ୍ମ ଧାରୀ ଚତୁର୍ଭୁଜ ହୋଇ ପ୍ରଭୁଙ୍କ ପାର୍ଶ୍ୱରେ ଅବସ୍ଥାନ କଲା ।

ଏହି ଅଦ୍ଭୁତ ଦୃଶ୍ୟ ଦେଖି ବ୍ରହ୍ମା ବିସ୍ମିତ ହେଲେ , ସେ ଭାବିଲେ ଏହା ଯୋଗୀନ୍ଦ୍ର ମାନଙ୍କ ପକ୍ଷେ ମଧ ଦୁର୍ଲ୍ଲଭ । ପୁଣି ମନୁଷ୍ୟ ମାନଙ୍କ ମୁକ୍ତି ବିଷୟ ନେଇ ମଧ ବେଦାନ୍ତରେ ସଂଶୟ ଅଛି । ଏହି ପରିପ୍ରେକ୍ଷୀରେ ଏକ କାକପକ୍ଷୀ ଚତୁର୍ଭୁଜ ହେବା ଅତି ବିଚିତ୍ର, ଏହା ଭଗବାନଙ୍କ କରୁଣାରୁ ଓ ଧାମ ମହାତ୍ମ୍ୟ ଦୃଷ୍ଟିରୁ କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ସେ କାକର ନାମ ଭୁଷଣ୍ଡି କାକ, ତୁଳସୀ ରାମାୟଣରେ ମଧ ସେ ରାମ ଭକ୍ତ ଥିଲେ ବୋଲି ବର୍ଣ୍ଣିତ ହୋଇଅଛି । ସେହି ରୋହିଣୀ କୁଣ୍ଡର ପବିତ୍ର ଜଳ ପଣ୍ଡାମାନେ ସଞ୍ଚି ଭକ୍ତଙ୍କୁ ପବିତ୍ର କରାନ୍ତି ।

ତାପରେ ମା ବିମଳାଙ୍କ ଦର୍ଶନ : ବିମଳା ମନ୍ଦିରରେ ପ୍ରବେଶ ପାବଛ ନିକଟରେ ଦୀପ ଜଳାଇ ମା'ଙ୍କ ଦର୍ଶନ କରାଯାଏ । ମା ବିମଳା ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀ । ମାଆଙ୍କର କରୁଣାମୟୀ ମୁର୍ତ୍ତି ମୁଗୁନି ପଥରରେ ନିର୍ମିତ ତାଙ୍କ ଚକ୍ଷୁ ସୁବର୍ଣ୍ଣରେ ନିର୍ମିତ ହେତୁ ଜାଜୁଲ୍ୟମାନ । ତାଙ୍କୁ ଦର୍ଶନ କରି ଲୋତକ ଭରା ଚକ୍ଷୁରେ ଭକ୍ତ କଣ ମାଗେ ତାହାଙ୍କୁ ଜଣା । ଶ୍ରୀ ଶ୍ରୀ ବିମଳାଷ୍ଟକରେ ତାଙ୍କୁ ଆଦ୍ୟାଦେବୀ ଭଗବତୀ ରୂପେ ପ୍ରାର୍ଥନା କରାଯାଇଛି ।

"ଆଦ୍ୟା ଦେବୀ ପରାତ୍ପରା
ଭଗବତୀ ମାତା କୃପା ସାଗରୀ
ବ୍ରହ୍ମାନନ୍ଦ ପ୍ରଦାୟିନୀ ହରବଧୂଃ"
ଷଟ୍‌ଚକ୍ର ଚକ୍ରେଶ୍ୱରୀ
ମାୟା ମୋହମୟୀ ଜନୋଦୟକାରୀ

(ଷଷ୍ଠ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ମଣିଷ ଧାଉଁଛି ଅର୍ଥ ପଛରେ

ଆଧୁନିକ ସମାଜ ବହୁଳାଂଶରେ ବସ୍ତୁବାଦୀ ଦୃଷ୍ଟିଭଂଗୀ ଦ୍ୱାରା ପ୍ରଭାବିତ । ବସ୍ତୁବାଦୀ ଜୀବନଚର୍ଯ୍ୟାର ପ୍ରଧାନ ଲକ୍ଷ୍ୟ ହେଉଛି ଯେ ତାହା ଭୋଗସର୍ବସ୍ୱ । ସୁଖପ୍ରାପ୍ତି ହିଁ ଚରମ ଲକ୍ଷ୍ୟ । ସୁଖଭୋଗ ପାଇଁ ବସ୍ତୁଗତ ଉପକରଣ ସଂଗ୍ରହରେ ଚଳନ୍ତି ସମାଜର ଅଧିକାଂଶ ବ୍ୟକ୍ତି ସଦାସର୍ବଦା ବ୍ୟସ୍ତ । ଭୋଗ ପାଇଁ ପ୍ରୟୋଜନ ହେଉଥିବା ବସ୍ତୁସମ୍ଭାର ଅର୍ଥର ବିନିମୟରେ ମିଳିପାରେ । ତେଣୁ ଅର୍ଥାଗମର ବ୍ୟବସ୍ଥା କରିବାରେ ସାଂପ୍ରତିକ ମଣିଷର ଅଧିକାଂଶ ଶକ୍ତି, ସମୟ ଓ ଚିନ୍ତା ନିୟୋଜିତ । ଆଧୁନିକ ମଣିଷର ଜୀବନଚର୍ଯ୍ୟାରେ ଆଜି ଅର୍ଥ ହିଁ ପରମାର୍ଥ, ପଇସା ହିଁ ପରମେଶ୍ୱର ।

ଅର୍ଥ ଆହରଣର ସମସ୍ତ ଉଦ୍ୟମ ଓ ଆୟୋଜନ ସତ୍ତ୍ୱେ ଆଉ ଏକ କଥା ମଧ୍ୟ ସ୍ପଷ୍ଟ ଯେ ବର୍ତ୍ତମାନର ମଣିଷ ଅନୁଭବର ଜଗତରେ ଏକ ଅଭାବବୋଧ ଦ୍ୱାରା ପୀଡ଼ିତ । ହଜାର ବସ୍ତୁସମ୍ଭାର ମଧ୍ୟରେ ବାସ କରି ଓ ଇନ୍ଦ୍ରିୟ ଭୋଗ୍ୟ ସମସ୍ତ ଭୋଗସାମଗ୍ରୀ ହାତ ପାହାନ୍ତାରେ ପାଇ ମଧ୍ୟ ସେ ସତ୍ତାର ଜଗତରେ ଉପବାସୀ ହୋଇ ରହୁଛି । ଆନନ୍ଦର ଅନୁଭବ ଆଜି ବିଡ଼ମ୍ବିତ । ସ୍ୱାଭାବିକ ଆନନ୍ଦପ୍ରାପ୍ତି ପାଇଁ ତା'ର ଅସମର୍ଥତା କୃତ୍ରିମ ଉପାୟର କିଛି ଉଲ୍ଲାସ ସଂଗ୍ରହ କରିନେବାର ଅଭିଯାନରେ ତାକୁ ଗୋଟାପଣେ ପ୍ରମତ୍ତ କରି ରଖୁଛି ।

ବସ୍ତୁ ଜଗତର ସମସ୍ତ ପ୍ରାପ୍ତି ଓ ଉପଭୋଗ ସତ୍ତ୍ୱେ ସତ୍ତାର ଜଗତ ଏମିତି ଶୁଷ୍କ ଓ ବିଡ଼ମ୍ବିତ ରହିଯାଉଥିବାର ମୂଳ କାରଣକୁ ଅନୁଧ୍ୟାନ କରାଯାଉ । ବ୍ୟାପାରଟିର ବାସ୍ତବତା ସ୍ପଷ୍ଟ ସୂଚନା ଦିଏ ଯେ ଆଧୁନିକ ମଣିଷର ବସ୍ତୁ ଆହରଣ ଓ ଅର୍ଥ ଉପାର୍ଜନର ପ୍ରକ୍ରିୟା ମଧ୍ୟରେ କିଛି ମୌଳିକ ତ୍ରୁଟି ବା ବ୍ୟତିକ୍ରମ ରହିଯାଉଛି ।

ମଣିଷ ଦୁଇଟି ଉପାୟରେ ଅର୍ଥ ସଂପଦର ସଂଗ୍ରହ କରିପାରେ । ପ୍ରଥମତଃ ନିଜ ଯୋଗ୍ୟତାର ବିନିଯୋଗ କରି ତା'ର ଅବଦାନ ସ୍ୱରୂପ ସେ ଅର୍ଥ ସଂପଦ ଅର୍ଜନ କରିପାରେ । ଅପରପକ୍ଷେ ଦାମ୍ଭିକ ଓ ଚତୁର କୌଶଳ ପ୍ରୟୋଗ କରି ଛଳେ-ବଳେ-କୌଶଳେ କିଛି ଅର୍ଥ ସମ୍ପଦ ଉପରେ ଆପଣାର ମାଲିକାନା ସାବ୍ୟସ୍ତ କରିପାରେ । ଯେ କୌଣସି ଉପାୟର ଅବଲମ୍ବନରେ ସଂଗୃହୀତ ହୋଇଥିଲେ ମଧ୍ୟ ସଂଗୃହୀତ ଅର୍ଥ ସଂପଦ ଉପରେ ମଣିଷର ମାଲିକାନା ପ୍ରତିଷ୍ଠିତ ହୋଇଥାଏ । ସ୍ଥୁଳଦୃଷ୍ଟିରେ ଏଥିରେ ଥିବା ପାର୍ଥକ୍ୟଟି ଧରାପଡ଼େ ନାହିଁ । ଯେ କୌଣସି ଉପାୟରେ ସଂଗୃହୀତ ହୋଇ କିଛି ଅର୍ଥ ସଂପଦ ଆପଣା ଆୟତ୍ତ ମଧ୍ୟକୁ ଆସିଗଲେ ମଣିଷ ନିଜକୁ ସଂପଦଶାଳୀ ମନେ କରିଥାଏ ଏବଂ ସମାଜ ଦୃଷ୍ଟିରେ ତା'ର ଏହି ଧାରଣା ସ୍ୱୀକୃତି ମଧ୍ୟ ପାଇଥାଏ । ମାତ୍ର ସତ୍ତା ସମ୍ବର୍ଦ୍ଧନାର ପରିପ୍ରେକ୍ଷୀରେ ବିଚାର କରାଗଲେ ଉଭୟ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟଟି ବୁଝା ପଡ଼ିଯାଏ ।

ମଣିଷର ଯୋଗ୍ୟତା କହିଲେ କ'ଣ ବୁଝିବା ? ଯୋଗ୍ୟତା ବିନିମୟରେ ସଂପଦ ଆହରଣ କରିବା କିଭଳି ଭାବରେ ହୋଇଥାଏ ? ମନୁଷ୍ୟତା ହେଉଛି ତା'ର ଅସଲ ଯୋଗ୍ୟତା । ଚେତନଶୀଳତା ମନୁଷ୍ୟତାର ମୂଳ ବିନିୟାଦ । ଅନ୍ତର୍ନିହିତ ଚେତନାର ସକ୍ରିୟ ପରିପ୍ରକାଶ ଘଟେ ଅସ୍ତିତ୍ୱର ପାଳନ, ପୋଷଣ, ସମ୍ଭୋଗର ବାସ୍ତବ ବିନିଯୋଗ ହୋଇଥାଏ ନିଃସ୍ୱାର୍ଥ ସେବାକର୍ମର ଭିତର ଦେଇ । ଅପର ଭାଷାରେ କହିଲେ ନିଃସ୍ୱାର୍ଥ ସେବାପ୍ରାଣତା ହିଁ ମନୁଷ୍ୟ ଜୀବନରେ ଯୋଗ୍ୟତାର ସକ୍ରିୟ ପରିପ୍ରକାଶ ।

ତେବେ ଅର୍ଥ ସର୍ବସ୍ୱ ହେବା କେତେଦୂର ସମୟ ସାପେକ୍ଷ, ତାହା ଚିନ୍ତା କରାଯାଉ ।

## ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲଗାଁର ସଫଳତା





ସଇଁନ୍ତଲା, (ନିପ୍ର) : ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ସଫଳତାର ସହିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲଗାଁ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଚଳିତ ବର୍ଷ ଏ୧ରେ ଜ୍ୟାତିର୍ମୟୀ ରଣା ୬୦୦ରୁ ୫୪୫ (୯୦.୮୩%), ଶେଫାଳୀ ଭୋଇ ୬୦୦ରୁ ୫୪୨ (୯୦.୩୩) ମାର୍କ ରଖିଥିବା ବେଳେ ଏ୧ରେ ୨ ଜଣ, ଏ୨ରେ ୬ ଜଣ, ବି୧ରେ ୫ ଜଣ ହାସଲ କରିଛନ୍ତି । ପରୀକ୍ଷାର୍ଥୀଙ୍କ ଏହି ସଫଳତାରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ତଥା ପରିଚାଳନା ସମିତି ଅଭିନନ୍ଦନ ଜଣେଇବା ସହିତ ବିଦ୍ୟାର୍ଥୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଯଶୱନ୍ତ ଜେଠୱା



କଟକ : ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଯଶଓ୍ୱନ୍ତ ଜେଠୱା । ଗତକାଲି ଆଇପିଏସ୍ ସ୍ତରରେ ଅଦଳବଦଳ ବେଳେ ଭିଜିଲାନ୍ସର ନୂଆ ନିର୍ଦ୍ଦେଶକ ଭାବେ ଜେଠୱାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଦେବାଶିଷ ପାଣିଗ୍ରାହୀଙ୍କ ବିୟୋଗ ପରେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ପଦ ଖାଲି ପଡିଥିଲା ।

## ବାଇକ ଦୁର୍ଘଟଣା : ସାମ୍ବାଦିକ ଅଶୋକ ନାରାୟଣ ଭୋଇ ଆହତ



ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା କଣ୍ଟାବାଞ୍ଜି ୪୨ ନମ୍ବର ମୁଖ୍ୟରାସ୍ତା ବେହେରା ମେଡିକାଲ ଷ୍ଟୋର ଠାରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ସାମ୍ବାଦିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଆଜି ଅପରାହ୍ନରେ ସାମ୍ବାଦିକ ଅଶୋକ ନାରାୟଣ ଭୋଇ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ଫେରୁଥିବା ବେଳେ ବେହେରା ମେଡିକାଲ ଷ୍ଟୋର ନିକଟରେ ଏକ କୁକୁର ଧାଇଁ ଆସିବାରୁ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ସାମ୍ବାଦିକ ଜଣକ ଛିଟିକି ପଡି ଅଧିକ ରକ୍ତସ୍ରାବ ହୋଇଥିଲେ । ପରେ ତାଙ୍କର ପଛେ ପଛେ ଆସୁଥିବା ସହଯୋଗୀ ସାମ୍ବାଦିକ ହୁଲେଶ୍ୱର ହଂସ ଉଦ୍ଧାର କରି ତାଙ୍କ ବାଇକରେ ବସାଇ ବଙ୍ଗୋମୁଣ୍ଡା ହସପିଟାଲକୁ ଆଣିଥିଲେ । ପରେ ଦୁର୍ଘଟଣା ହେବା ଖବର ଶୁଣି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ, ଡ. ନାରାୟଣ ମିଶ୍ର, ରେଣୁରଞ୍ଜନ ବାଗ, ଲବ ମହାକୁର, ଦୈତାରୀ ଯୁଗ୍ନିଆ, ବିନେଶ କିଶାନ, ଗାନ୍ଧୀ ବଗର୍ତ୍ତୀ, ଭକ୍ତବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଚିକିତ୍ସାରେ ସହଯୋଗ କରିଥିଲେ ।

ତେବେ ସାମ୍ବାଦିକ ଅଶୋକଙ୍କ ଅବସ୍ଥା ଏବେ ଠିକ୍ ଥିବା ଜଣାପଡ଼ିଛି । ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ସ୍ଥାନୀୟ ସାମ୍ବାଦିକମାନେ ଓ ବଲାଙ୍ଗିର ଜିଲ୍ଲା ପେସାଦାର ସାଂବାଦିକ ସଂଘ ।

## ବଲାଙ୍ଗିର ଜିଲ୍ଲାପାଳଙ୍କ ଦେଓଗାଁ ହାଇସ୍କୁଲ ପରିଦର୍ଶନ : ୫ଟି ଯୋଜନାରେ କରାଯାଇଥିବା ଶିକ୍ଷା ବ୍ୟବସ୍ଥାକୁ କଲେ ତଦାରଖ



ଦେଓଗାଁ, (ନିପ୍ର) : ଶନିବାର ସାଢେ ୧୦ଟା ସମୟରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଦେଓଗାଁ ପଂଚାୟତ ସମିତି ହାଇସ୍କୁଲ ପରିଦର୍ଶନରେ ଆସି ସ୍ଥାନୀୟ ପ୍ରଧାନ ଶିକ୍ଷକ ଲୋକେଶ୍ୱର ପଧାନ ଓ ସହକାରୀ ଶିକ୍ଷକ ବିଭୂତୀ ଭୂଷଣ ବେହେରା, ଚୈତନ୍ୟ ସାହୁ, ବଳଦେବ ମାଝୀ ଶିକ୍ଷାପ୍ରେମୀଙ୍କ ଶିକ୍ଷାର ବିକାଶ, ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷାର ଆକୃଷ୍ଟ କରିବା, ସ୍କୁଲ ପରିସରକକୁ ସ୍ୱଚ୍ଛ ରଖିବା, ପାଇଖାନା ଓ ସୌଚାଳୟ ସଫା ସୁତାରା ରଖିବାକୁ ପରାମର୍ଶ ଦେବା ସହ ଛାତ୍ରଛାତ୍ରୀମାନେ କିପରି ଅଧିକରୁ ଅଧିକ ଉପସ୍ଥାପନ ହୋଇପାରିବେ ସେଥିପ୍ରତି ଭିତ୍ତିଭୂମି ତିଆରି କରିବା ପାଇଁ ସବୁ ପ୍ରକାର ସରକାର ପ୍ରସ୍ତୁତ । ତେଣୁ ଏହି କ୍ଷେତ୍ରରେ ହାଇସ୍କୁଲରେ ଶିକ୍ଷା ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଶ୍ରେଣୀ କୋଠା, ବସିବା ପାଇଁ ଆବଶ୍ୟକ ଆସବା ପତ୍ର ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନତମାନର ଶ୍ରେଣୀ କଠୋରୀରେ କମ୍ପ୍ୟୁଟର ଶିକ୍ଷାଦାନ, ଛାତ୍ରଛାତ୍ରୀମାନେ ଖେଳିବା ପାଇଁ ସ୍କୁଲ ପରିସରରେ ପଡିଆ ପ୍ରସ୍ତୁତ କରିବା ପାଇଁ କହିଥିଲେ । ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ୫ଟି ଯୋଜନାରେ ଶିକ୍ଷାଦାନ ପାଇଁ ଦେଓଗାଁ ବ୍ଲକର ୨୬ଟି ହାଇସ୍କୁଲ ମଧ୍ୟରୁ ଦେଓଗାଁ ହାଇସ୍କୁଲକୁ ଚୟନ କରାଯାଇଛି । ଏହି ଯୋଜନାରେ ସ୍କୁଲର ସର୍ବାଙ୍ଗୀନ ଭିତ୍ତିଭୂମି ଅର୍ଥାତ ସ୍ମାଟ କ୍ଲାସ, ଇଲାଇବ୍ରେରୀ, ଛାତ୍ରଛାତ୍ରୀମାନେ ଇଣ୍ଟନେଟରେ ଲାଇବ୍ରେରୀ ପଢିବାର ସୁଯୋଗ ପାଇବେ । ଲେବ୍ରୋଟରୀ ସହ ଲ୍ୟାବ ମଧ୍ୟ ରହିବ । ଇନଡୋର୍ ଓ ଆଉଟ ଡୋର୍ ଗେମ, ସ୍କୁଲକୁ ସୁନ୍ଦର କରାଯିବ । କାନ୍ଥରେ ଚିତ୍ର, ସୁନ୍ଦର ମୁଖ୍ୟ ଫାଟକ ରହିବ । ସୁନ୍ଦର ଫ୍ଲାଗ ପୋଷ୍ଟ ଓ ବଗିଚା କରିବା ପାଇଁ ଯୋଜନା ଆରମ୍ଭ ହୋଇଛି । ଏଥି ପାଇଁ ସ୍କୁଲକୁ ୧୦ ଲକ୍ଷଟଙ୍କା ଜିଲ୍ଲାପରିଷଦ ପାଣ୍ଠି ସହ ୫୫ଲକ୍ଷ ଟଙ୍କା ଅନୁଦାନ ଆସିଥିବା ଜଣାପଡିଛି ।

ଏହି ତଦାରଖ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଦେଓଗାଁ ବିଡିଓ ମୁରଲୀଧର ନାଏକ, ସିନିୟର ଟିସି ଭୂବନାନନ୍ଦ ହେତା, ସହକାରୀ ଯନ୍ତ୍ରୀ ମୋହନ ମହାଲଙ୍ଗ, ବ୍ଲକ ଟିସି ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ଡ୍ରେନେଜ୍ ସମସ୍ୟା ସମାଧାନ ପାଇଁ ଚିନ୍ତା ପ୍ରକଟ କଲେ ସାଂସଦ ଅପରାଜିତା



ଭୁବନେଶ୍ୱର, (ନିପ୍ର) : ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଗତ ୧୫ ଫେବୃଆରୀ ୨୦୨୦ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ କରି ଭୁବନେଶ୍ୱର ମହାନଗରର ଡ୍ରେନେଜ୍ ସମସ୍ୟା ପ୍ରତି ଦୃଷ୍ଟି ଆରୋପ କରିଥିଲେ । ତାଙ୍କୁ ସାକ୍ଷାତ କରି ନୟାପଲ୍ଲୀ ଅଂଚଳରେ ଜଳ ନିଷ୍କାସନ ପାଇଁ ୧୨୦ ବାଟାଲିୟନ ପରିସରରେ ଡ୍ରେନେ୍ ନିର୍ମାଣ ପାଇଁ ଅନୁମତି ଆଗ୍ରହ୍ୟ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହାର ନିକଟବର୍ତ୍ତୀ ଅଂଚଳ ସାମାନ୍ୟ ବର୍ଷା ହୋଇଗଲେ ଜଳମଗ୍ନ ହେଉଥିବାରୁ ବହୁ ଜନବସତି ପ୍ରଭାବିତ ହେଉଥିଲେ ।

ସମସ୍ୟାର ଶିକାର ହେଉଥିବା ବହୁ ସଂଖ୍ୟାରେ ଜନସାଧାରଣ ସାଂସଦ ଅପରାଜିତାଙ୍କୁ ସମସ୍ୟା ସମାଧାନ ପାଇଁ ବାଟ କାଢ଼ନ୍ତୁ ବୋଲି ଗୁହାରି ଜଣାଇଥିଲେ । ଭୁବନେଶ୍ୱର ମହାନଗର ଅଚଂଳରେ ଏକ ହାଇଟେକ ପ୍ଲାନରେ ଡ୍ରେନେଜ୍ ବ୍ୟବସ୍ଥାପନା କରାଯିବା ନେଇ ସାଂସଦ ଅପରାଜିତା ବହୁ ଦିନରୁ ଚିନ୍ତା ପ୍ରକଟ କରିଥିଲେ ।

ଏହି ବ୍ୟବସ୍ଥାପନା ଡ୍ରେନେଜ୍ ନିର୍ମାଣ ପାଇଁ ଅନୁମତି ମିଳିଥିବାରୁ ସାଂସଦ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଧନ୍ୟବାଦ ସହ ସାଧୁବାଦ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲୋଇସିଂହାର ସଫଳତା



ଲୋଇସିଂହା, (ନିପ୍ର) : ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ସଫଳତାର ସହିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲୋଇସିଂହା ତାର ସ୍ୱବତନ୍ତ୍ର ପରିଚୟ ସୃଷ୍ଟି କରିଛି । ଚଳିତ ବର୍ଷ ୨୭ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ଏ୧ରେ ଇଭାସ୍ମିତା ମିଶ୍ର ୬୦୦-୫୬୦ (୯୩.୩୩%), ସଞ୍ଚାସ୍ମିତା ସାହୁ ୬୦୦-୫୫୬ (୯୨.୬୬), ଶ୍ରୀମୟୀ ହୋତା ୬୦୦-୫୪୧ (୯୦.୧୬) ମାର୍କ ରଖିଥିବା ବେଳେ ଏ୨ରେ ୬ ଜଣ, ବି୧ରେ ୬ ଜଣ, ବି୨ ୧୦ ଜଣ ଓ ସି୨ରେ ଜଣ ହାସଲ କରିଛନ୍ତି ।

ପରୀକ୍ଷାର୍ଥୀଙ୍କ ଏହି ସଫଳତାରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ତଥା ପରିଚାଳନା ସମିତି ଅଭିନନ୍ଦନ ଜଣେଇବା ସହିତ ବିଦ୍ୟାର୍ଥୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## କରୋନା କମିଲା : ସୁରଟ ମୁହାଁ ଓଡିଆ ଶ୍ରମିକ

ବ୍ରହ୍ମପୁର, (ନିପ୍ର) : କରୋନାର ଭୟାବହତା ଯୋଗୁଁ ସୁରତରୁ ନିଜ ଗାଁକୁ ଚାଲି ଚାଲି ଆସିଥିଲେ ଲୋକେ । କାମଧନ୍ଦା ନଥିବାରୁ ଘରେ ବସି ରହିଥିଲେ । ଏବେ କରୋନା କମିବା ପରେ ଗଞ୍ଜାମ ଜିଲ୍ଲାର ଶ୍ରମିକ ପୁଣି ସୁରଟ ମୁହାଁ ଅବା ସୁରଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ପେଟପାଟଣା ପାଇଁ ନିଜ ପରିବାରକୁ ଧରି ସୁରଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଗଞ୍ଜାମ ଜିଲ୍ଲାର ହଜାର ହଜାର ଶ୍ରମିକ । ଏଥିପାଇଁ ବ୍ରହ୍ମପୁର, ଜଗନ୍ନାଥପୁର, ଛତ୍ରପୁର ଓ ଖଲ୍ଲିକୋଟ ଏବଂ ବାଲୁଗାଁ ରେଳ ଷ୍ଟେସନରେ ଭିଡ ଦେଖିବାକୁ ମିଳିଛି । ସୁରତରେ କରୋନା କଟକଣା କୋହଳ ହେବା ପରେ ସୂତାକଳ ଆରମ୍ଭ ହୋଇଛି । ତେଣୁ ପେଟପାଟଣା ପାଇଁ ସୁରଟ ଯିବା ଆରମ୍ଭ କରିଛନ୍ତି, ଓଡ଼ିଆ ଶ୍ରମିକ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରୁ ଲୋକେ ସୁରଟ ଯାଉଛନ୍ତି । କରୋନାର ଦ୍ୱିତୀୟ ଲହର ଯୋଗୁଁ ଅନେକ ସ୍ଥାନରେ କଟକଣା ଜାରୀ କରାଯାଇଥିଲା । ଏହାପରେ ଘରମୁହାଁ ହୋଇଥିଲେ ଓଡିଆ ଶ୍ରମିକ । ଏବେ ଦ୍ୱିତୀୟ ଲହର କମିବା ପରେ ପୁଣି ସୁରଟ ମୁହାଁ ହୋଇଛନ୍ତି ଓଡିଆ ଶ୍ରମିକ ।

## ଯୁଧିଷ୍ଠିର ନାୟକଙ୍କୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ନୂଆ କୁଳସଚିବ ଭାବେ ନିଯୁକ୍ତି


ଭୁବନେଶ୍ୱର, (ନିପ୍ର) : ବରିଷ୍ଠ ଓଏଏସ୍ ଅଧିକାରୀ ଯୁଧିଷ୍ଠିର ନାୟକଙ୍କୁ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଏନେଇ ରାଜଭବନ ପକ୍ଷରୁ ଖୁବ୍ ଶୀଘ୍ର ତାଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ଜାରି ହେବ ବୋଲି ସୂଚନା ମିଳିଛି ।

# ଦଶ୍‌ଟା ପରଦେଶର କବିତା କୋଶଲୀ ଥି




**କୋଶଲି ଅନୁସୃଜନ : ଶଶାଙ୍କ ଶେଖର ପଣ୍ଡା**





ବର୍‌ଟୋଲ୍‌ଡ୍ ବ୍ରେଖ୍‌ଟ୍




ଡେଭିଡ୍ କନ୍‌ଷ୍ଟାଣ୍ଟାଇନ୍

ଡାଇଗାକୁ ହୋରିଗୁଚି



ନାଜିମ୍ ହିକ୍‌ମତ୍



ଟୋମାସ୍ ଟ୍ରାନ୍‌ସଟ୍ରୋମର୍

<u>ନାଇଜେରିଆର କବିତା</u>

## ରୀତି-ହିଁସା

*ଅଇଗ ହୀଗୋ*

ପଶୁମାନ୍ ମରିଯିବେ
ନଏଦ୍‌ମାନ୍ ଶୁଖିଯିବେ
ଗୋଲ୍ ପଏସାମାନ୍ କୁର୍‌କୁଟି ହେଇଯିବା
ଆଉର୍
ସାମ୍‌ନାଥି ରାବଣ୍ ହୁଦାହୁଦା ।

ପବିତ୍ର ଫଗୁନ୍
ଆଘୋର୍ ଗୁଟେ କାମ୍‌ନାଥି ରକତ୍ ଯେ ମଏଲା !
ଆମର୍ ହାତେ ରୁପ୍‌ଲା ଇ' ବୀଜାର ପଲ୍‌ହା
ଚଟାନ୍‌ଥି ପୁଁଡ଼୍‌ରାଲା
ସାଗୁଆ ପତର୍‌ଥୁ ଏବେ ଦୁଖ୍-ପଝ୍‌ରାନ୍
କଲାକପ୍‌ଟା ପିନ୍ଧା କୁଆଁରୀ-ଦେବୀମାନକର୍
ଆଏଁଖ୍‌ମାନ୍ ଲାଲ୍
ସେମାନ୍‌କର୍ ନିଶାସ୍ ଆର୍ ମେଲା ଚଁଡ଼୍
ଶିକାର ଖୁଜୁଛେ
ମୁଇଁ ତାଁକର୍ 'ବୁଡୁ ନାଚର୍ ଗୀତ୍' ଶୁନ୍‌ସିଁ
ତାଁକର ଛିଡ଼ି ପଡୁଥିବାର ଲୁକ୍‌ସାନର୍ ଦୁଆର୍ ।

ସେ ଇ' ତୀରିଥ୍ ଭୂଇଁର
ନପୁଂସକ୍ ପ୍ରେତ୍‌କେ
ନିଜର୍ ଦୁଖର୍ ଚିନ୍‌ହାଁ ଦେଖେଇ ଚାଲିଛେ ।।



<u>ଇଜିପ୍ଟର କବିତା</u>

## ପ୍ରଶ୍ନ

*ଉମର୍ ଆବୁ-ରିସେହ୍*

ଆହୋ ଡଙ୍ଗର୍ ଆର୍ ଆକାଶ୍
ତୁମେ ମୋର୍ ଆଲିଙ୍ଗନ୍‌ନୁ
କାଏଁ ହେଲା ଯେ
ବୁଚ୍‌ଡ଼ି କରି ଦୂର୍‌କେ ପଲେଇ ଯାଉଛ
ମୁଇଁ ତୁମର୍ ପାହାତଲେ
ମୁଇଁ କାଁ କରି ହର୍‌ମେସା ଥର୍‌ଥରେଇ
ଉଠ୍‌ସିଁ ?

ବଁଅଡ଼ିଲା ବାଟର୍ ଶେଷ
ମତେ ଏକ୍‌ଲା କରି ଦେବାର୍ ଲାଗି
ଇ'ନ ଇ ପଖନ୍ ଫୁଟିଛେ
ମୋର୍ ଖେଲ୍ ପଡ଼ିଆ ସବୁ ସରିଗଲା
କାଁ କରି ଇ ପରିବର୍ତ୍ତନ୍ ?

ଆମର୍ ଇ' ମଦ୍ ଭି
ଯେନ୍‌ଟା ଦେପ୍‌ତାମାନ୍‌କର ପାନ୍
ମତେ ନାଇଁ ଜାଲୁଛେ କାଁ କରି ?
ମତେ ନାଇଁ ଥୁଉଛେ ସରଗ୍ ନେ କାଁ କରି
ଯେନ୍ ଠାନେ କାମ୍‌ନାର୍ ମରନ୍ ?

<u>ମେକ୍‌ସିକୋର୍ କବିତା</u>

## ପାନିର ଚାବି

*ଅକ୍ଟାଭିଓ ପାଜ୍*

ଋଷିକେଶ ଉତ୍‌ରୁ
ଗଙ୍ଗା ଏଛେନ୍ ସାଗୁଆ
ଶିଘେ ଶିଘେ ଭାଙ୍ଗି ଯାଇଛେ ଦିଗନ୍ତର୍
ଫଟିକ୍ କାଁଚର୍ । ଫଟିକ୍ ଭିତରେ ଆମ୍‌ହେ ।

ବୁହି ଯାଉଛେ ଉପ୍‌ରେ ଆରୁ ତଲେ
ଶାନ୍ତିର ମହାନ୍ ଉପସାଗର୍ ।
ନୀଲିଆ ମହାଶୂନ୍ୟତାର୍ ସାଦା ପଖନ୍ ଆରୁ
ପଖନ୍, କଲିଆ ମେଘ୍
ତୁମେ କହିଥିଲ :
ସେ ରାତି ମୁଇଁ ଉଦା କରିଥିଲି ମୋର୍ ଦୁହି ହାତ୍
ତୁମର ନିଦା ଥନ୍ ଯୁଗଲ୍ ଥି ।।

<u>ଜାପାନୀ କବିତା</u>

## ସମୁନ୍ଦର

*ଡାଇଗାକୁ ହୋରିଗୁଚି*

ଆକାଶର୍ ସିଲେଟ୍ ଦିହେ
'ସି-ଗଲ୍' ଚେରେ ଲେଖ୍‌ଲା
'ଅ...ଆ....ଇ'
ସମୁନ୍ଦର୍‌ଟା ଯେନ୍‌ତା ଗୁଟେ
ଗୋଚର୍ ଘାସର୍ ଭୂଇଁ
ଆରୁ ଲହଡ଼ାମାନ୍ ହୁଦାହୁଦା ମେଢ଼ି ଗୁହୁଡ଼ି ।

ଜାହାଜ୍‌ଟା ଚଲାବୁଲା କର୍‌ସି
ପାଇପ୍ ନୁ କୁହୁଲା ଛାଡ଼ି
ଜାହାଜ୍‌ଟା ଚଲାବୁଲା କର୍‌ସି
ଦେଇ ଗୁଟେ କାଲ୍‌ରଡ଼ି ।।

<u>ଜର୍ମାନ କବିତା</u>

## କୁହୁଲା

*ବର୍‌ଟୋଲ୍‌ଡ୍ ବ୍ରେଖ୍‌ଟ୍*

ଗଛମାନ୍‌କର୍ ବୁରେଇଥି ଛୋଟ ଘର୍‌ଟେ
ଦର୍‌ହୋ ଖଁଡ଼ିଥି ।
ଛାଦେନର୍ ଚିମ୍‌ନିନୁ ବାହାରୁଛେ କୁହୁଲା ।
କୁହୁଲା ନାଇଁ ଥିଲେ
କତେ ବିର୍‌କିଟିଆ ଲାଗ୍‌ତା
ଘର, ଗଛ, ଦର୍‌ହୋ ।।

<u>ବ୍ରାଜିଲ୍‌ର କବିତା</u>

## ରାଏତ୍

<u>ନୋବେଲ ପୁରସ୍କାର ବିଜୟିନୀ</u>

*ଗାବ୍ରିଏଲା ମିସ୍ତ୍ରେଲ୍*

ତୁଇ ଶୁଇ ପଡ଼୍‌ବୁରେ ପୋ' ମୋର୍, ବୁଝୁଛେଁ
ସୂରୁଜ୍ ଲିଭେଇ ଦେଇ ସାରିଛେ ତା'ର ଜୁଏ
ଯେନ୍ ଟିକ୍‌କ ଦିଶୁଛେ ଫଟିକ୍
ସେଟା ନ ଓସ୍‌ର ଆଭା
ଯେନ୍‌ଟା ଦିଶୁଛେ ଧୋବ୍ ଫର୍‌ଫର୍
ସେଟା ନ ମୋର ମୁହୁଁ ।

ତୁଇ ଶୁଇ ପଡ଼୍‌ବୁରେ ପୋ' ମୋର୍, ବୁଝୁଛେଁ
ସାରା ପଡାଟା ହେଇ ଗଲା ନ ତୁମ୍‌ତାମ୍
କେନ୍ ନ ଭି କିଛି ନାଇଁ ନ
ନଏଦ୍‌ର ଉଛ୍‌ଲା ସଂଗୀତ-
କେନ୍ ନ କେହି ନାଇଁ ନ, ମୋର୍ ଛଡ଼ା ।

ସାରା କଛାର୍ ଢ଼ାପିଛେ କୁହୁଡ଼ି
ସଡ଼୍‌କ୍‌ଦମ୍ ହେଇ ଯାଉଛେ ଭାଷାର ପ୍ରଶ୍ୱାସ
ଗୁମ୍ ହାତ୍ ଗୁଟେ ଯେନ୍‌ତା
କପାଲ୍ ଥି ଥାପିଛେ ଇ ସଁସାରର୍ ।

ମୋର୍ ପୋ'କେ ଯିଏ ଖାଲି ଦୁଲି ଦୁଲାସି
ଗୀତର୍ ତାନ୍‌ମାନ୍‌ଥି, ଏନ୍‌ତା ତ ନୁହେଁ ସେ
ସାରା ପୁର୍‌ଥୀ ଝୁମ୍‌ରା ଥି ଢୁଲେଇ ପଡ଼୍‌ସି
ଦୁଲିର୍ ଛନ୍ଦ - ସଁସେ ଥି ।।

<u>ଚାଇନିଜ୍ କବିତା</u>

## ବୀଜା

*ଲୁ ଲି*

ଜାଡ଼୍ ରିତୁଥି ଯେତେବେଲେ ଲଢ଼େଇ
ମହାଘୋର୍ ହେଲା
ଆମ୍‌ହେ ଝନେ ମଲା ସାଙ୍ଗ୍‌କେ
ବରଫ୍ ନ ତୁପି ଦେଲୁଁ
ଗଦାହେଲା ବରଫ୍ ଗୁଟେ କବର୍ ବନାଲା
ଆରୁ ରକତର୍ ଧାର୍ ମାନ୍
ଚାର୍‌ହିକୁଡି ବିହିଲିଗଲା
ରକତ୍ ଆରୁ ବରଫ୍ ପୁଟ୍‌ଲା ପୁଟ୍‌ଲି ହେଲେ
ଆଉର୍ ସେ' ଉଁକିଆ ଥି ଜନମ ନେଲା
ଗୁଟେ ଇନ୍ଦର୍‌ଧନୁ ରଙ୍ଗର୍ ଫୁଲ୍
ଫୁଲ୍‌ଟା ଖରାର୍ ଧାସେ ତଗ୍‌ଲିଗଲା
ମାଏଟ୍‌ଥି ବୀଜାଟେ ପକେଇ ।।

## ଆମର୍ ରକତ୍ ଯେତେବେଲେ ଅଲ୍‌ଗା ହେଇ ଯାଏସି

<u>ଗ୍ରୀସ୍‌ର କବିତା</u>

*ଡେଭିଡ୍ କନ୍‌ଷ୍ଟାଣ୍ଟାଇନ*

ଆମର୍ ରକତ୍ ଯେତେବେଲେ ଅଲ୍‌ଗା ହେଇ ଯାଏସି
ଘଡ଼ିଟା ଫେର୍ ଚାଲି ବସ୍‌ସି,
ଫେର୍ ଆମେ ଶୁନି ପାର୍‌ସୁଁ ପବନର୍ ଶବଦ୍
ଯେତେବେଲେ ଆମର ହୁରୁଦ୍ ଶାଁତ୍ ହେଇ ଯାଏସି,
ଆମେ ଗୁଟେ ମୁଦି ହେଇ ଯାଇଥିଲୁଁ
ଘଡ଼ିଟା ଆମ୍‌କୁ ଗୁର୍‌ହେଇ କରି ଟିକ୍ ଟିକ୍ କରିଥିଲା
ସେ ସମିଆଁ ଟିକ୍‌କ, ପବନର୍ ଦିଗ୍ ବଦ୍‌ଲି ଯାଇଥିଲା ।
ଘଡ଼ିଟା ସବୁକେ ପର୍‌ଛା ହାଡ୍ ପତେ ଠୁକି ଠୁକି ଖାଇଦେସି ।
ପବନ୍ ଘର୍‌ମାନ୍‌କର୍ ଭଙ୍ଗା ଆଏଁଖ ଆରୁ
ଆଁ- ମୁହୁଁ ଭିତର୍‌କେ ସମି ଯାଏସି
ଜୁଏ ତାପ୍‌ବାର ଦୁଆରୁ ଖାର୍ ଆନିକରି ବିଛି ଦେସି ।
ଶୁଇ ପଡ଼, ମୋର୍ ହାତ୍‌କେ ଛାଡ଼ି ଦିଅ ନ' ।।



<u>ତୁର୍କୀର କବିତା</u>

## ରଏବାର୍

*ନାଜିମ୍ ହିକ୍‌ମତ୍*

ଆଏଜ୍ ରଏବାର୍
ହେମାନେ ଆଏଜ୍ ପହେଲା କରି ଦେଇଛନ୍
ଇ' ଖୁଲା ଆକାଶ୍ ତଲେ
ବୁଲା କିନ୍ଦ୍‌ରାର୍ ସ୍ୱାଧୀନତା
ଆଉର୍ ଜୀବନ୍ ଥି ଇ'ଟା ପହେଲା
ଦେଖ୍‌କରି କାବା ହେଲି
ଆକାଶ୍ କେତେ ନୀଲିଆ
କେତେ ବିରାଟ୍
ମୁଇଁ ଠାଡ଼୍ ହେଇ ରହେଲି ସଡ଼୍‌କ୍‌ଦମ୍
ହଲ୍‌ଚଲ୍ ନାଇଁ
ତାର୍ ଉତ୍‌ରୁ ଆକାଭୁତ୍ ହେଇ
ଲଥୋ କରି ବସି ପଡ୍‌ଲି ଭୂଇଁ ।
ଧୁବ୍‌ଲା କାଁଥି ନେ ଉଧେଇ ଦେଲି ପିଠ୍ ।

ଠିକ୍ ଇ ସମିଆଁ ନେ
ନାଇଁ ସେ କେନ୍‌ସି ନିସ୍ତିଆ ସପନ୍
ନାଇଁ ସେ ଭୁଆସେନ୍,
ନାଇଁ ସେ ଲଢ଼େଇ,
ନାଇଁ ସେ ସ୍ୱାଧୀନତା ।

ପୁର୍‌ଥୀ, ସୂରୁଜ୍ ଆରୁ ମୁଇଁ
ଉସ୍‌ନାକ୍ ମୁଇଁ, ମୁଇଁ ଖୁସି ।।

<u>ସୁଇଡେନ୍‌ର କବିତା</u>

## ରେଲ୍‌ପଟ୍‌ରି

*ଟୋମାସ୍ ଟ୍ରାନ୍‌ସଟ୍ରୋମର୍*

ଜନ୍ ଉଁକିଆ । ରାତିର ଦୁଇ ବାଜିଛେ ।
ରେଲ୍‌ଗାଡ଼ି ଅଟ୍‌କି ଯାଇଛେ
ଗୁଟେ ଖେତର ମଝା ଥି ।
ଖୋବ୍ ଧୁରେ ଗୁଟେ ସହରର୍ ଲାଇଟ୍
ଧପ୍ ଧପ୍ ହଉଛେ ।
ଜାଡ଼୍ ଥି - ଦିଗ୍‌ବଳୟ ନ ।

ଯେତେବେଲେ ଗୁଟେ ଲୋକ୍ ନିଜର୍
ଗହୀର୍ ସପନ୍ ଭିତର୍‌କେ ସମିଯାଏସି
ସେ ଆର୍ ସୋର୍ ନାଇଁ କରିପାରେ ଯେ
ସେ ସେ ନ' ଥିଲା ।
ଯେତେବେଲେ କି ଆର୍ ଘାଏ
ସେ ନିଜର୍ ଦେଖ୍‌ଲା କଥାକେ ଫିସ୍‌ସି ।

କି ଯେତେବେଲେ ଗୁଟେ ଲୁକର୍
ଏତେଟେ ଦିହି ନସି ଯାଏସି ଯେ
ତାର୍ ଦିନ୍‌ମାନ୍ ହେଇ ଯାଏସି
କେତେଟା ଚକ୍‌ମକିଆ ଉଁକିଆ
ଦିଗ୍‌ବଳୟ ନ ମିଂଜ୍ ମିଂଜ୍ ଆର୍ ଥଣ୍ଡା
ରେଲ୍‌ଗାଡ଼ି ପୁରାପୁରି ଗତିହୀନ୍
ରାତିର ଦୁଇ ବାଜିଛେ :
ଫଏର୍‌ଟା ଜନ ଉଁକିଆ,
ଗୁଟା କେତେ ତାରା ।

# ମନ ତୋହର ନିଜ ଗୁରୁ

- ଶ୍ରୀ ଦୟାନିଧି ଆଚାର୍ଯ୍ୟ -



ମଣିଷ ମନର ସ୍ଥିତି ଓ ଅସ୍ତିତ୍ୱ, ସ୍ୱରୂପ ଓ ପ୍ରକୃତି, ଶକ୍ତି ଓ ସାମର୍ଥ୍ୟକୁ ଜାଣିବା ଓ ଚିହ୍ନିବା ପାଇଁ, ଯୁଗ ଯୁଗ ଧରି ପ୍ରାଚ୍ୟ ଓ ପାଶ୍ଚାତ୍ୟର ଦାର୍ଶନିକ ଓ ମନୋବିଜ୍ଞାନୀମାନେ ଅନେକ ତଥ୍ୟ ଓ ତତ୍ତ୍ୱର ଅବତାରଣା କରିଛନ୍ତି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଂଚି ପାରିନାହାନ୍ତି । କେହି କେହି ମନକୁ ଆତ୍ମାର ଅଂଶବିଶେଷ କହୁଥିବା ବେଳେ, କେହି କେହି ମନକୁ ଇନ୍ଦ୍ରିୟ ଭାବେ ଗ୍ରହଣ କରିଛନ୍ତି । ଅନେକ ମନୋବିଜ୍ଞାନୀ ମନର ଅସ୍ତିତ୍ୱକୁ ଅସ୍ୱୀକାର ମଧ୍ୟ କରିଛନ୍ତି । ଅଥଚ ମନ ମଣିଷର ସମଗ୍ର ସତ୍ତାକୁ ଆଚ୍ଛନ୍ନ କରି ରଖିଛି । ମନର ଗତି ଅପରିସୀମ, ଅଚିନ୍ତନୀୟ । ମନ ଆକାଶରେ ଉଡ଼ିପାରେ, ସମୁଦ୍ରରେ ବୁଡ଼ିପାରେ । କୌଣସି ସୀମା ଭିତରେ ମନ ଆବଦ୍ଧ ନୁହେଁ । ସମସ୍ତ ପ୍ରକାର ସୀମା ସରହଦ୍ ଡେଇଁ ମନ ଗତି କରିଥାଏ । ତା'ର ପ୍ରଖର କଳ୍ପନା ଶକ୍ତି ମଣିଷକୁ ସ୍ୱପ୍ନ ଦେଖାଏ, ବେଳେବେଳେ ସେଇ ସ୍ୱପ୍ନ ଭାଂଗି ଚୂରମାର ହୋଇଯାଏ । ମନ ପରାଧୀନ ନୁହେଁ, ମନ ସ୍ୱାଧୀନ, ତାକୁ ବାନ୍ଧି ରଖା ଯାଇପାରେ ନାହିଁ । ଯେଉଁମାନେ ମନକୁ ବାନ୍ଧି ରଖିପାରନ୍ତି, ସେମାନେ ଜିତେନ୍ଦ୍ରିୟ । ଯେତେବେଳେ ମନର ଏକାଗ୍ରତା ଓ ସ୍ଥିରତା ଲକ୍ଷ୍ୟଭେଦ କରିପାରେ, ଅସାଧ୍ୟ ସାଧନ କରିପାରେ, ଇନ୍ଦ୍ରିୟ ଜୟ କରିପାରେ, ଚିତ୍ତ ଶୁଦ୍ଧି କରିପାରେ, ସେତେବେଳେ ହୃଦୟ ପ୍ରେମମୟ ହୋଇଯାଏ, ମଣିଷ ଦେବତା ହୋଇଯାଏ । ଶରୀର ଓ ମନର ସଂପର୍କ ଅତ୍ୟନ୍ତ ଘନିଷ୍ଠ ଓ ଗଭୀର । ମନ ଶରୀରକୁ ପରିଚାଳିତ କରିଥାଏ, ନିୟନ୍ତ୍ରିତ କରିଥାଏ । କୁହାଯାଇଛି, ମନ ସ୍ୱଚ୍ଛ, ପବିତ୍ର ଓ ନିର୍ମଳ ଥିଲେ, ଗାଡ଼ିଆ ବି ଗଙ୍ଗା ହୋଇଯାଏ । କବି, କଥାକାରଙ୍କ ଲେଖନୀ ମୂନରେ ମନର ମହିମାକୁ ନେଇ ସମର୍ପଣ ଭାବର ଅନେକ ଚିତ୍ରକଳ୍ପରେ ମନକୁ ମନ୍ଦିର ରୂପେ, ମନକୁ ବାଇଆ ରୂପେ, ମନ ମିଳିଗଲେ ପ୍ରେମ ଭାବରେ, ପ୍ରେମିକା ପାଖରେ ମନକୁ ଚିଟାଉ ରୂପେ ଉପସ୍ଥାପନା କରାଯାଇଛି । ପ୍ରତିଷ୍ଠିତ କଥାକାରଙ୍କ କଥା ସାହିତ୍ୟ 'ମନେ ମନେ', 'ମନ ଜାଣେ ପାପ', 'ମନ ଗହିରୀର ଚାଷ'ରେ ମନର ମହିମା ହିଁ କେନ୍ଦ୍ରବିନ୍ଦୁ ।

ମନ କ'ଣ ଓ ଶରୀର ସହିତ ଏହାର ସଂପର୍କ କ'ଣ; ଏ ବିଷୟରେ ପାଶ୍ଚାତ୍ୟ ଦାର୍ଶନିକମାନେ ନାନା ପ୍ରକାର ତାତ୍ତ୍ୱିକ ଆଲୋଚନା କରିଛନ୍ତି । ଭାରତୀୟ ଦାର୍ଶନିକଗଣ ମନକୁ ଏକ ଇନ୍ଦ୍ରିୟ ଭାବେ ଗ୍ରହଣ କରିଛନ୍ତି ଏବଂ ଏହାକୁ ଷଷ୍ଠେନ୍ଦ୍ରିୟ ଆଖ୍ୟା ଦେଇଛନ୍ତି । ପାଶ୍ଚାତ୍ୟ ଦାର୍ଶନିକ, ମନୋବିଜ୍ଞାନୀମାନେ ପ୍ରଥମେ ମନକୁ ଆତ୍ମାର ଅଂଶବିଶେଷ ବୋଲି ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ମନୋବିଜ୍ଞାନୀମାନେ ମନ ତଥା ମାନସିକ ପ୍ରକ୍ରିୟାଗୁଡ଼ିକର ଏକ ନୂତନ ବ୍ୟାଖ୍ୟା ଦେଲେ । ମନ ହେଉଛି ବିଭିନ୍ନ ବୃତ୍ତି ତଥା ପ୍ରକ୍ରିୟାର ଏକ ସମାହାର । ବିଭିନ୍ନ ପ୍ରକାର ମାନସିକ ପ୍ରକ୍ରିୟା ମୂଳରେ ମଣିଷର ଚିନ୍ତା, ଅନୁଭୂତି, କଳ୍ପନା, ବିଚାର, ତର୍କ ପ୍ରଭୃତି ମାନସିକ ବୃତ୍ତି ନିହିତ । ଏହି ବୃତ୍ତିଗୁଡ଼ିକର ଏକତ୍ରୀକରଣରେ ମଣିଷର ମନ ଗଠିତ । ଏହି ମାନସିକ ବୃତ୍ତିଗୁଡ଼ିକ ପରସ୍ପରଠାରୁ ପୃଥକ୍ ଓ ସ୍ୱତନ୍ତ୍ର । ସେମାନେ ସେମାନଙ୍କର ନିଜସ୍ୱ କ୍ରିୟା ନିଜେ ହିଁ ସଂପାଦନ କରନ୍ତି ।

ମନୋବୈଜ୍ଞାନିକ ବିଶ୍ୱ ପ୍ରସିଦ୍ଧ ଫ୍ରୟେଡ୍ ମଣିଷର ମନ ଓ ମାନସିକ କ୍ରିୟା ସଂପର୍କରେ ବିଶେଷ ଅନୁଧ୍ୟାନ କରି, ମନର ବିଭିନ୍ନ ଅବସ୍ଥା ସଂପର୍କରେ ମତାମତ ଦେଇ, ମନ ତିନୋଟି ଅବସ୍ଥାକୁ ଯଥା ଚେତନ, ଅର୍ଦ୍ଧଚେତନ ଓ ଅବଚେତନ ସ୍ଥିତିକୁ ଦର୍ଶାଇଛନ୍ତି । ମଣିଷର ସଜ୍ଞାନ କ୍ରିୟାଗୁଡ଼ିକ ଚେତନାବସ୍ଥାର ଅନ୍ତର୍ଗତ । ଅର୍ଦ୍ଧଚେତନ ଅବସ୍ଥାରେ ସୁସୁପ୍ତ ଥିବା ମାନସିକ ବୃତ୍ତି ବା କ୍ରିୟାଗୁଡ଼ିକ ଦରକାର ବେଳେ ଚେତନ ଅବସ୍ଥାକୁ ଆସିଥାନ୍ତି, କିନ୍ତୁ ସବୁ ସମୟରେ ଏ ସବୁ ବିଷୟରେ ମଣିଷ ସଚେତନ ନଥାଏ । ମନୁଷ୍ୟର ନାନାବିଧ ଅବଦମିତ, ଆଗ୍ରହ, ଇଚ୍ଛା ବା ପ୍ରବୃତ୍ତିମାନଙ୍କ ଦ୍ୱାରା ମଣିଷର ଅବଚେତନ ଅବସ୍ଥାଟି ଗଠିତ ହୋଇଥାଏ । ଏଇ ଅବଦମିତ ଇଚ୍ଛା ମଣିଷର ପ୍ରକୃତି, ବ୍ୟବହାର ତଥା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ।

ପରବର୍ତ୍ତୀ ସମୟରେ କେତେକ ମନୋବିଜ୍ଞାନୀ ମନର ଅସ୍ତିତ୍ୱକୁ ଅସ୍ୱୀକାର କରିଛନ୍ତି । ସେମାନଙ୍କ ମତରେ ମନ ଏକ ଅଦୃଶ୍ୟ, ଭାବାତ୍ମକ ଓ କାଳ୍ପନିକ ବସ୍ତୁ । ଏହି କାଳ୍ପନିକ ବସ୍ତୁକୁ ଭିତ୍ତିକରି କୌଣସି ବିଜ୍ଞାନର ଆଲୋଚନା କିମ୍ବା ଅନୁଶୀଳନ ସମ୍ଭବ ନୁହେଁ । ମନର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ମନୋବିଜ୍ଞାନୀମାନଙ୍କୁ ବ୍ୟବହାରବାଦୀ ବୋଲି କୁହାଯାଇଛି । ଏମାନେ ମନୋବିଜ୍ଞାନ ଅନୁଶୀଳନରେ କଳ୍ପନା, ଚିନ୍ତା, ସ୍ମୃତି, ତର୍କ, ବିଚାର ପ୍ରଭୃତି ଭାବାତ୍ମକ ଶବ୍ଦଗୁଡ଼ିକ କାଳ୍ପନିକ ବୋଲି ଆଖ୍ୟା ଦେଇଥିଲେ । ମଣିଷର ଆଚରଣ, ବ୍ୟବହାର ତଥା ଅନ୍ୟାନ୍ୟ ଶାରିରୀକ କ୍ରିୟାଗୁଡ଼ିକୁ ଅନୁଧ୍ୟାନ କରି ମନୋବିଜ୍ଞାନର ଆଲୋଚନା କରୁଥିଲେ ।

ଏହି ବ୍ୟବହାରବାଦୀ ମନୋବିଜ୍ଞାନୀମାନଙ୍କ ମତକୁ ଖଣ୍ଡନ କରି ମେକ୍‌ଡୁଆଲ ମନକୁ ମନୋବିଜ୍ଞାନରୁ ବାଦ୍ ଦେବା ସମ୍ଭବ ନୁହେଁ ବୋଲି କହିଥିଲେ । ମଣିଷ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କ ବ୍ୟବହାର ସଦାବେଳେ ଉଦ୍ଦେଶ୍ୟମୂଳକ । ଏହି ଲକ୍ଷ୍ୟ ବା ଉଦ୍ଦେଶ୍ୟ ଆଭ୍ୟନ୍ତରୀଣ । ଏଣୁ ମନ ସକଳ ଉଦ୍ଦେଶ୍ୟର ମୂଳାଧାର । ଯେହେତୁ ପ୍ରାଣୀମାନଙ୍କ କାର୍ଯ୍ୟକଳାପ ସ୍ୱେଚ୍ଛାକୃତ, ଅନ୍ୟର ନିୟନ୍ତ୍ରଣ ମୁକ୍ତ, ସେମାନେ ନିଜର ଇଚ୍ଛାନୁସାରେ ଗତି ପରିବର୍ତ୍ତନ କରିପାରନ୍ତି, ଗତିକୁ ବନ୍ଦ କରିବା କ୍ଷମତା ତାଙ୍କର ଅଛି । ଏଣୁ ପ୍ରାଣୀଜଗତର ଏହି ସ୍ୱେଚ୍ଛାକୃତ ବା ଉଦ୍ଦେଶ୍ୟମୂଳକ କ୍ରିୟା କେବଳ ମନ ଦ୍ୱାରା ହିଁ ସମ୍ଭବ ।

ମନ ଓ ଶରୀରର ସଂପର୍କ ଅତ୍ୟନ୍ତ ନିବିଡ଼, ଘନିଷ୍ଠ ଓ ଗଭୀର । ମନ ଶରୀରକୁ ପରିଚାଳିତ ଓ ନିୟନ୍ତ୍ରିତ କରିଥାଏ । ପ୍ରାଚ୍ୟଦର୍ଶନ ଶାସ୍ତ୍ରରେ ମଣିଷ ଶରୀରକୁ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର ରୂପେ ବିଭାଜନ କରାଯାଇଛି । ସୂକ୍ଷ୍ମ ମନର ସମସ୍ତ ଅବଧାରଣା ସ୍ଥୂଳ ଶରୀର ମାଧ୍ୟମରେ ନୂତନ ଆକାର ପାଏ । ତେଣୁ ମାନସିକ ଓ ଶାରୀରିକ ସନ୍ତୁଳନ ନିମନ୍ତେ ମଣିଷର ଏକ ସୁସ୍ଥ ଶରୀର ଓ ସ୍ୱଚ୍ଛ ମନର ଆବଶ୍ୟକତା ରହିଛି । ଅଧିକାଂଶ ଶାରୀରିକ ରୋଗ ଅସୁସ୍ଥ ମନର ପରିଣତି । ମନର ସଂକଳ୍ପ ଦ୍ୱାରା ଶରୀରକୁ ନିରୋଗ ରଖାଯାଇ ପାରେ । ନିଜ ବ୍ୟବହାରକୁ ଭଦ୍ର, ନମ୍ର ତଥା ଶାଳୀନ କରାଯାଇପାରେ ।

ମାନସିକ ଚିକିତ୍ସା ବିଜ୍ଞାନୀମାନଙ୍କ ମତରେ 'ମନ ହିଁ ଶରୀରକୁ ସଂଚାଳିତ କରେ, ମନର ଅଧିକତମ ଅଂଶ ଯାହା ମନର କୌଣସି ଗଭୀରତମ ଅଂଶରେ ଚାପି ହୋଇ ରହିଥାଏ, ଏହାକୁ ଅବଚେତନ ବି କୁହାଯାଏ । ମଣିଷର ସମସ୍ତ ଅଭ୍ୟାସ, ପ୍ରବୃତ୍ତି, ସଂସ୍କାର ଓ କ୍ରିୟା ଏହି ଅବଚେତନ ମନରୁ ହିଁ ଦିଗ୍‌ଦର୍ଶନ ପାଇଥାନ୍ତି । ଅବଚେତନ ମନ ଆମର ସମସ୍ତ ଶକ୍ତିର ଆଧାର । ଅବଚେତନ ମନକୁ ଅନ୍ତର୍ଭଜନ ବୋଲି କୁହାଯାଏ । ଏହି ଅନ୍ତର୍ଭଜନ ଆମର ଏ ଜନ୍ମର ନୁହେଁ, ବରଂ ଜନ୍ମ-ଜନ୍ମାନ୍ତରର ସଂସ୍କାର ବହନ କରି ଚାଲିଥାଏ । ଏଇ ଅବଚେତନ ମନ ଆମର ବ୍ୟକ୍ତିତ୍ୱ ନିର୍ଦ୍ଧାରଣ କରେ । ମନୋବିଜ୍ଞାନୀ ଲେଭ ତାଙ୍କର 'କ୍ରିଟିକାଲ୍ ସାଇକ୍ରିଆଟ୍ରି'ରେ କହିଛନ୍ତି, ଆମେ ଆମର ସବୁ ଇଚ୍ଛା, ଆକାଂକ୍ଷା ଓ କଳ୍ପନାକୁ ମନର ଏହି ଗଭୀର କୋଣରେ କବର ଦେଇ ଦେଇଛୁ । ଫଳରେ ମଣିଷର ପୂର୍ଣ୍ଣାଙ୍ଗ ବିକାଶକୁ ମନୋବିଜ୍ଞାନୀ ଅପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରିଥାଏ । ଅବଚେତନ ମନର ସମସ୍ୟା ଆଜି ବି ଅସମାହିତ ହୋଇ ରହିଛି । ଏ ଯୁଗର ବିଶିଷ୍ଟ ମନୋବିଜ୍ଞାନୀ ଡା. ବ୍ରାୟନ୍ ବିଶ୍ ଅବଚେତନ ମନର ଅବଦମିତ ଅବରୋଧକୁ ଦୂର କରିବା ପାଇଁ ଆଧୁନିକତମ ମାନସିକ ଚିକିତ୍ସା ପଦ୍ଧତିରେ ଆଧ୍ୟାତ୍ମିକ ଚିକିତ୍ସା ପଦ୍ଧତିର ସାହାଯ୍ୟ ନେଇଛନ୍ତି । 'ମେସେଜ ଅଫ୍ ମାଷ୍ଟର' ନାମକ ପୁସ୍ତକରେ ସେ ଆଧ୍ୟାତ୍ମିକ ଚିକିତ୍ସାର କଥା ବର୍ଣ୍ଣନା କରି କହିଛନ୍ତି, ଏହି ପଦ୍ଧତି ଭାରତୀୟ ମୁନୀ, ଋଷିମାନଙ୍କର ଅବଦାନ । ଏହା ସାର୍ବଭୌମ ସତ୍ୟ । ଅନ୍ତଃଶକ୍ତିର ବିକାଶ ପାଇଁ, ଅତୀତର ସ୍ମୃତିକୁ ଭୁଲି ଏକ ନୂତନ ଜୀବନ ସଂଧାନ ପାଇଁ ସତର୍କ ଓ ଜାଗ୍ରତ ଭାବେ ଗତି କରିବାକୁ ହେବ । ଏଥିପାଇଁ ଆମେ ହିଁ ନିଜେ ନିଜର ପ୍ରବନ୍ଧକ ହେବା । ଅବଚେତନ ମନକୁ ଅତିକ୍ରମଣ କରିବାର କ୍ଷମତା ଯେ ଯୋଗୀ, ଯତି, ତପସ୍ୱୀମାନଙ୍କର ଏକାନ୍ତ ବ୍ୟକ୍ତିଗତ ତାହା ନୁହେଁ, ଆମେ ମଧ୍ୟ ନିଜର ପ୍ରବଳ ଇଚ୍ଛା ଶକ୍ତି ବଳରେ ଚେତନା ସହିତ ଜୀବନଯାପନର ସଂକଳ୍ପବଦ୍ଧ ହେଲେ ଅବଚେତନ ମନକୁ ବଶୀଭୂତ କରିବାରେ ସଫଳ ହେବା ଏବଂ ଶାରୀରିକ କ୍ରିୟା ପ୍ରକ୍ରିୟାକୁ ମନର ଅନୁକୂଳ କରି ନିୟନ୍ତ୍ରଣ କରିପାରିବା ।

ଏଇ ପରିପ୍ରେକ୍ଷୀରେ ସାମ୍‌ବେଦରେ ମନର ମହିମା ସଂପର୍କରେ କୁହାଯାଇଛି- 'ମନର ଅଲୌକିକ ଶକ୍ତି, ସାମର୍ଥ୍ୟ ସମ୍ବନ୍ଧରେ ସନ୍ଦେହ ନାହିଁ । ମନ ହେଉଛି ଇନ୍ଦ୍ରିୟମାନଙ୍କଠାରୁ ଶ୍ରେଷ୍ଠତର । କିନ୍ତୁ ମନ ଅତ୍ୟନ୍ତ ଚଂଚଳ, ଅସ୍ଥିର । ସେ କେତେବେଳେ ଅତୀତ ଚିନ୍ତାରେ ପଡ଼ିଥାଏ ତ କେତେବେଳେ ଭବିଷ୍ୟତ ଆଶାରେ ଆଶାୟୀ ହୋଇଥାଏ । ମନ କେବେ କେବେ ଆକାଶରେ ଉଡ଼େ ଓ କେବେ କେବେ ସାଗରରେ ବୁଡ଼େ । ଚଂଚଳ, ଇତଃସ୍ତତ ମନ ଯେଉଁଠାରେ ରହେ, ସେଠାରୁ ଧୂଳି ଓ ମାଟି ସଂଗ୍ରହ କରେ । ସେଠିକାର ସଂସାରରେ ସେ ସଂସ୍କାରିତ ହୁଏ । ତେଣୁ ମନର ମଳିନତା ଦୂର କରିବାକୁ ହେଲେ, ତାହାର ସ୍ଥିତି ଓ ଅବସ୍ଥାକୁ ଜାଣିବାକୁ ହେବ । ଦୌଡ଼ିବା ଯେପରି ଚଂଚଳ ମନର ସ୍ୱଭାବ, ଗୋଟିଏ ସ୍ଥାନରେ ଅଳ୍ପ ସମୟ ବାନ୍ଧି ହୋଇ ରହିବା ମଧ୍ୟ, ସେହିପରି ତାର ସ୍ୱଭାବ ।

ମନ ଗୋଟିଏ ବିଷୟରୁ ଅନ୍ୟ ବିଷୟକୁ ଧାବିତ ହେବାର କାରଣ ହେଉଛି ସଂସାରରେ ପ୍ରତ୍ୟେକ ବସ୍ତୁ ସୀମାବଦ୍ଧ । ସମସ୍ତଙ୍କର ଅନ୍ତ ଅଛି । ମନ ସାନ୍ତ (ସସୀମ) ପଦାର୍ଥର ଅନ୍ତକୁ ପାର କରି ଶୀଘ୍ର ନୂତନ ପଦାର୍ଥ ପାଖରେ ପହଂଚିଯାଏ । ତେଣୁ ଏଇ ଚଂଚଳ ପ୍ରକୃତିର ମନକୁ ଅନନ୍ତ ପରମାତ୍ମାଙ୍କ ପାଖରେ ଲଗାଇ ଦେଲେ, ସେ ସେଠାରେ ଚରକାଳ ପାଇଁ ଲାଗି ରହେ । ସେଠାରେ ପ୍ରଭୂଙ୍କର ସେ କୌଣସି ଅନ୍ତ ପାଏନାହିଁ କି ପ୍ରଭୂଙ୍କୁ ତ୍ୟାଗ କରିପାରେ ନାହିଁ ।

ରୁଗୁଡ଼ିପଡ଼ା, ବଲାଂଗୀର

# ଏ ସପ୍ତାହର କବିତା


## କୁମାର୍ ହସନ୍‌ଙ୍କ ଦୁଇଟି କବିତା

### ଯୀଶୁ ଖ୍ରୀଷ୍ଟ



କ୍ରୁଶକାଠ ତ୍ରିଶୂଳ ପରି ଧସି ଯାଉଛି
ଫୁଙ୍ଗୁଳା ଦେହର ପଞ୍ଜର ଛାତିରେ
ନିଜ ଲାଗି ଗଢ଼ିଥିବା ସୁନ୍ଦର
ସମତଳ ରାସ୍ତାର ଗର୍ଭରେ
ପଡ଼ିଥିବା ଅଗଣିତ ଯୀଶୁ ଖ୍ରୀଷ୍ଟ
ଆକାଶକୁ ମୁହଁ ଟେକି ପ୍ରାର୍ଥନା କରୁଛନ୍ତି
ହେ ଈଶ୍ୱର ! ଏମାନେ କ'ଣ କରୁଛନ୍ତି
ଏମାନଙ୍କୁ କ୍ଷମା ନୁହେଁ
କଠୋରରୁ କଠିନତର ଦଣ୍ଡଦିଅ
ଏବଂ ପ୍ରତିଶୋଧ ନେବା ଲାଗି
ମୋତେ ବାରମ୍ବାର ପୁନର୍ଜନ୍ମ ଦିଅ ।।

### ଟେଲିଭିଜନ୍‌ରେ ଭୂମିକଂପ



ଟେଲିଭିଜନ୍‌ରେ ଭୂମିକଂପ
ଏକ ଚମତ୍କାର ରୋମାଂଟିକ ଦୃଶ୍ୟ

ଥର ଥର ପର୍ଦାରେ ଧସି ଯାଇଥାଏ
ମୁଂଡା ମୁଂଡା ମାଟି
ଅତଡ଼ା ଖସୁଥାଏ
ପୈଶାଚିକ ନୃତ୍ୟରେ ମତ୍ତଥାଏ
ଘର, କୋଠା, ବାଡ଼ି,
କାଉଁରୀ କାଠିର ସ୍ପର୍ଶରେ ହୋଇଯାଏ ଉଭାନ୍
ବଗିଚା, ବଣ, ପାହାଡ଼
ନଈ, ନାଳ, ପକ୍ଷୀ
ରେଚର ସ୍କେଲ୍‌ରେ ଲେଖି ହୋଇ ଯାଇଥାଏ
ସବୁଜ ଗଛ, ଧାନ କିଆରୀ
ଚାର୍ଲି ଚେପଲିନ୍‌ର ଚରିତ୍ର ପରି ଧପାଲୁ ଥିବା
ସ୍ତ୍ରୀ, ବୁଢ଼ା, ପିଲା
ଧାଉଁଥିବେ ଡଂଗର, ବୁଲାକୁକୁର, ଭିକାରୀ ।
ସୂର୍ଯ୍ୟ ଥିବ, ଚଂଦ୍ର ଥିବ, ତାରାମାନେ ଥିବେ
ସବୁଦିନ ପରି ନୀଳ ଆକାଶ ବି ଥିବ
ହେଲେ ସେମାନେ ନ ଥିବେ
ଥିଲା ଲୋକମାନେ
ଥିଲା ପ୍ରାଣୀର ସଂସାର ।

ଚିରା-ଚିରା ଫଟାମାଟିର ଆବର୍ଜନାରେ
କୋଉଠି ପଡୁ ନଥାଏ ତାର ପାଦଚିହ୍ନ
ସମତଳ ସମାଧିରେ ଶୋଇଥାଏ ଭଂଗାସ୍ୱପ୍ନର
ଉଜୁଡ଼ା ସଂସାର

ଭୋକରେ କିଲିବିଲଉଥିବା ପେଟକୁ
ଭରିପାରେ ନାହିଁ ଟେଲିଭିଜନ୍‌ର ପର୍ଦା
ପେଟଭରା ହାକୁଟିର
ଆଂତର୍ଜାତୀୟ ସମବେଦନାରେ
ରଂଗିନ ହୋଇଯାଏ
ନୀଳ ଡ୍ରଇଂ ରୁମ ।

ଟେଲିଭିଜନ୍‌ର ଭୂମିକଂପରେ ସ୍ଥିର ମାଟି
ଥରୁଛି ଟେଲିଭିଜନ୍ ।।



# ଶ୍ରୀ ଜଗନ୍ନାଥ.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ତ୍ରାହି ମାଂ ବିମଳେ ସଦା ସୁଖକାରୀ
ଶ୍ରୀକ୍ଷେତ୍ର ରାଜେଶ୍ୱରୀ"

ସତୀଙ୍କ ଏକାବନ ଅଂଶରୁ ଏଠାରେ ପାଦ ଅଂଶ ପଡିଥିବାରୁ ବିମଳା ଶ୍ରୀପାଦ ପୀଠେଶ୍ୱରୀ ରୂପେ ପରଚିତ ।

ଶ୍ରୀ ଜଗନ୍ନଥ ମହାପ୍ରଭୁଙ୍କ ସମସ୍ତ ଧୂପ ନୈବେଦ୍ୟ ପରେ ବିମଳାଙ୍କୁ ସମର୍ପିତ ହୁଏ ତପ୍ରେ ତାହା ମହାପ୍ରସାଦ ପଦବାଚ୍ୟ ହୁଏ ଓ ଆନନ୍ଦ ବଜାରରେ ବିକ୍ରୟ ହୁଏ । ମା ବିମଳାଙ୍କୁ ଦର୍ଶନ କରି ତାଙ୍କ ମନ୍ଦିର ସମ୍ମୁଖ ବାହାର ମଣ୍ଡପରେ ପାହାଚ ନିକଟରେ ବସି ମାଁ ଙ୍କୁ ଧ୍ୟାନ କରି ମନର କାମନା ଭକ୍ତ ଜଣାଇ ଥାଏ । ତପ୍ରେ ନୀଳଚକ୍ର ତଳେ ଦକ୍ଷିଣ ପଟ ମନ୍ଦିରକୁ ଚାହିଁଲେ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ଦେଖିବାକୁ ମିଳେ । ଶ୍ରୀରାମଙ୍କ ଭକ୍ତ ବିଭୀଷଣ ସମୁଦ୍ରରେ ସ୍ନାନ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରତିଦିନ ଦର୍ଶନ କରନ୍ତି । ବିମଳାଙ୍କ ଜଗମୋହନର ନୈରୁତ କୋଣରେ ଦକ୍ଷିଣକାଳୀ ପୂଜା ପାଉଛନ୍ତି ।

ତପ୍ରେ ଉତ୍ତର ଦିଗକୁ ମୁହଁ କରି ବାମପଟେ କାଞ୍ଚି ଗଣେଶ, ସାକ୍ଷୀ ଗୋପୀନାଥ କ୍ଷୀର ଚୋରା ଗୋପୀନାଥ ଓ ନୀଳ ମାଧବଙ୍କ ଦର୍ଶନ କରାଯାଏ । ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି ଗଣେଶଙ୍କ ମୂର୍ତ୍ତି କାଞ୍ଚିରୁ ଆଣିଥିଲେ । ଏହାପରେ ମା' ସରସ୍ୱତୀ, ସାବିତ୍ରୀ, ଭୁବନେଶ୍ୱରୀ ଓ ଷଷ୍ଠୀ ମାଙ୍କୁ ଦର୍ଶନ କରି ଦୁଃଖ ଜଣାନ୍ତି । ସେହି ପଟେ ପଶ୍ଚିମ ଦିଗରେ ପଶ୍ଚିମ ଦ୍ୱାର ରହିଛି । ଏହି ଦ୍ୱାରକୁ ବ୍ୟାଘ୍ର ଦ୍ୱାର କୁହାଯାଏ ।

ମନ ଆଗକୁ ବଢେ ଓ ମା' ମହାଲକ୍ଷ୍ମୀଙ୍କ ଦର୍ଶନ ପାଇବା ପାଇଁ ଉତ୍କଣ୍ଠିତ ହୁଏ । ମା'ଙ୍କ ମନ୍ଦିର ଦକ୍ଷିଣ ପଟରେ ଧାଡି ଲଗାଇ ପ୍ରବେଶ କରିବାକୁ ହୁଏ । ଗର୍ଭଗୃହ ଭିତରକୁ ପଶିବା ଅଳିନ୍ଦ ପୂର୍ବରୁ ବାମପଟ କାନ୍ଥରେ ଲକ୍ଷ୍ମୀନୃସିଂହ ବିଗ୍ରହ ଅଛନ୍ତି । ପ୍ରଭୂନୃସିଂହଙ୍କ କୋଳରେ ମା' ଲକ୍ଷ୍ମୀ ବାମ ପାର୍ଶ୍ୱରେ ବସିଛନ୍ତି । ପାଦ ତଳେ ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଥିବାର ଜଣାଯାଏ । ମା' ଲକ୍ଷ୍ମୀଙ୍କ ଦର୍ଶନରେ ଭକ୍ତ ସବୁକିଛି ପାଇବାର ଅନୁଭବ କରେ । ସେ ଅନ୍ନପୂର୍ଣ୍ଣା ସଦାପୂର୍ଣ୍ଣ ଅଟନ୍ତି । ନାନା ପ୍ରକାର ଆଭୂଷଣରେ ଭୁଷିତା ହୋଇ ପଦ୍ମାସନରେ ଉପବେଶନ କରି ଅଭୟ ମୁଦ୍ରାରେ ଭକ୍ତଙ୍କୁ ବରପ୍ରଦାନ କରନ୍ତି । ମହାଲକ୍ଷ୍ମୀ ହେଉଛନ୍ତି – ଆଦିଲକ୍ଷ୍ମୀ, ଧାନ୍ୟଲକ୍ଷ୍ମୀ, ଧୈର୍ଯ୍ୟଲକ୍ଷ୍ମୀ, ଗଜଲକ୍ଷ୍ମୀ, ଶ୍ରୀ ସନ୍ତାନ ଲକ୍ଷ୍ମୀ, ଶ୍ରୀ ବିଜୟଲକ୍ଷ୍ମୀ, ବିଦ୍ୟାଲକ୍ଷ୍ମୀ, ଧନଲକ୍ଷ୍ମୀ । ଏହି ଅଷ୍ଟଲକ୍ଷ୍ମୀଙ୍କୁ ନିଜ ନିଜର ଅଭିଷ୍ଟ ପୂରଣ ପାଇଁ ପୂଜା ପ୍ରାର୍ଥନା କରିଥାଆନ୍ତି । ଶ୍ରୀ ମହାଲକ୍ଷ୍ମୀଷ୍ଟକମ୍‌ରେ ଇନ୍ଦ୍ରଦେବ ମା'ଙ୍କୁ ସ୍ତୁତି କରିଛନ୍ତି

"ନମସ୍ତେଽସ୍ତୁ ମହାମାୟେ ଶ୍ରୀପୀଠେ
ସୁରପୂଜିତେ
ଶଙ୍ଖ ଚକ୍ରଗଦା
ହସ୍ତେ,ମହାଲକ୍ଷ୍ମୀ ନମୋଽସ୍ତୁତେ"

ଶ୍ରୀ ପଦ୍ମ ପୁରାଣରେ ମହାଲକ୍ଷ୍ମୀ ସ୍ତୋତ୍ରମ୍ ଅନୁସାରେ ଋଷିମାନେ ସ୍ତୁତି କରିଛନ୍ତି –

"ଓଁ ପଦ୍ମଗର୍ଭ ସ୍ଥିତା ଦେବୀ ପଦ୍ମାକ୍ଷୀ ପଦ୍ମସମ୍ଭବା ବିମଳା, କମଳା ପଦ୍ମା ଦେବୀ ତ୍ୱଂ ବିଷ୍ଣୁ ବଲ୍ଲଭେ"

ମା'ଙ୍କୁ ନିଷ୍ଠାରେ ପ୍ରାର୍ଥନା ଓ ପୂଜା କଲେ ମନୋଭିଷ୍ଟ ଫଳ ନିଶ୍ଚୟ ମିଳିଥାଏ ।

ମହାଲକ୍ଷ୍ମୀଙ୍କ ନିକଟରେ ସଧବା ସ୍ତ୍ରୀମାନେ ଶଙ୍ଖା ସିନ୍ଦୁର ପୂଜା କରି ନେଇଥାଆନ୍ତି । ଲକ୍ଷ୍ମୀଙ୍କ ମାର୍ଗଶୀର ମାସ ପୂଜା ପାଇଁ ମୂର୍ତ୍ତିଥିବା ମୁଦ୍ରା ନେଇ ଥାଆନ୍ତି ।

ମାନବ ଧର୍ମର ପ୍ରତୀକ ସ୍ୱରୂପ ମହାଲକ୍ଷ୍ମୀ ଶ୍ରୀମନ୍ଦିର ରୋଷଘର ପାଚିକା । ପ୍ରଭୁଙ୍କ ପାଇଁ ଷାଠିଏପଉଟି ଭୋଗ ରନ୍ଧନ କରନ୍ତି । ତାଙ୍କ ରନ୍ଧନ ପ୍ରଣାଳୀ କିପରି ଓ କେତେ ସମୟ ଲାଗେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏଠାରେ ୭୪୨ ଚୁଲି ଓ ୭ଟି ଅଗ୍ନିମୁଖା ଚୁଲି । ଭୋଗ ରନ୍ଧନ ହୁଏ, ମାତ୍ର ଅନ୍ନ ଗଳା ଯାଏ ନାହିଁ । ଅଗ୍ନିଦେବ ଏଠାରେ ଅଗ୍ନିଶ୍ୱର ମହାଦେବ ରୋଷଘର ଅଗ୍ନିଙ୍କ ରକ୍ଷାକର୍ତ୍ତା । ଯଜ୍ଞ ହୋଇ ରନ୍ଧନ କାର୍ଯ୍ୟ ଆରମ୍ଭ ହୁଏ । ଗହୀଡ଼ା ଚୁଲିରେ ଅବଢ଼ା କୁଡୁଆ ଉପରେ କୁଡୁଆ ରଖି କାଠ ଜାଳି ଅନ୍ନସିଦ୍ଧ ହୁଏ । ଅନ୍ନଗଳା ହୁଏ ନାହିଁ । କୁଡୁଆ ଛିଦ୍ର ବାଟ ଦେଇ ଦକ୍ଷିଣ ରେ ଥିବା ପେଜ ନଳାକୁ ପେଜ ଯାଏ । ରୋଷଘର ଦ୍ୱାର ଆଡକୁ ଶ୍ରୀ ଗଣେଶଙ୍କ ଏକ ମୂର୍ତ୍ତିଅଛି । ସେ ରୋଷଘର ଓ ଭଣ୍ଡାର ଘରର ରକ୍ଷକ । ସୁଆରମାନେ ଥାଇ ମଧ୍ୟ ମା ଲକ୍ଷ୍ମୀ ସୁନାଚଟୁଧରି ଭୋଗ ରନ୍ଧନ କରନ୍ତି । ଲକ୍ଷ ଲକ୍ଷ ଲୋକ ମହାପ୍ରସାଦ ପାଇବାକୁ ଅପେକ୍ଷା କରିଥାଆନ୍ତି । ଏହାତ ମାଙ୍କ ମହିମା । ସେ ପରମ ବୈଷ୍ଣବୀ । ଶୁଣାଯାଏ ସେ କିନ୍ତୁ ତାଙ୍କ ପାଇଁ ଅଟା ସୁଜିର ସ୍ୱତନ୍ତ୍ର କାକରା ପ୍ରସ୍ତୁତ କରନ୍ତି । ମହାଲକ୍ଷ୍ମୀ ଦର୍ଶନ ପରେ କୁଆଡକୁ ଯିବାକୁ ଇଚ୍ଛା ହୁଏ ନାହିଁ । ଲକ୍ଷ୍ମୀ ମନ୍ଦିର ପରେ ନବଗ୍ରହଙ୍କ ମନ୍ଦିର ।

ନବଗ୍ରହ ଦର୍ଶନ ନିମିତ୍ତ ପାହାଚ ଚଢ଼ିବା ପୂର୍ବରୁ ତଳେ ଦୀପ ଷ୍ଟାଣ୍ଡରେ ଦୀପ ଜଳାଇ ଉପରକୁ ଚଢି ନବଗ୍ରହଙ୍କୁ ଦର୍ଶନ କରାଯାଏ । ପାହାଚ ତଳକୁ ଓହ୍ଲାଇ ପୂର୍ବ ଦିଗ ଆଡକୁ ଗଲେ ସୂର୍ଯ୍ୟ ନାରାୟଣ ମନ୍ଦିର ରହିଛି । ଏଠାରେ ସୂର୍ଯ୍ୟଙ୍କ ସମେତ ବୁଦ୍ଧ ମୂର୍ତ୍ତି ମଧ ପୂଜା ପାଉଛନ୍ତି । ଉତ୍ତର ପଟରେ ଅନେକ ଛୋଟ ଛୋଟ ମନ୍ଦିର ଅଛି, ଉତ୍ତର ଦ୍ୱାର ନିକଟର ପାତାଳେଶ୍ୱର ମନ୍ଦିର ଓ ଚୈତନ୍ୟଙ୍କ ପାଦପଦ୍ମ ଅଛି ।

ବର୍ତ୍ତମାନ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ ପାଇଁ ମନ ବ୍ୟାକୁଳ । ନାଟମଣ୍ଡପର ଉତ୍ତର ପଟ ପାହାଚ ଚଢି ଚଢି ଭକ୍ତ ଗରୁଡ ସ୍ତମ୍ଭ ନିକଟରେ ପହଞ୍ଚି ଥାଏ । ବାହାରେ ଦୀପ ଜଳାଯାଏ । ଗରୁଡ଼ ସ୍ତମ୍ଭ ପାଖରେ ବର୍ତ୍ତମାନ ଦୀପ ଦିଆଯାଉନାହିଁ । ସ୍ତମ୍ଭର ଉପର ଅଂଶରେ ପ୍ରଭୂଙ୍କ ବାହାନ ଗରୁଡ଼ ବିଦ୍ୟମାନ । ସେ ଅପଲକ ନୟନରେ ଯୋଡହସ୍ତରେ ପ୍ରଭୁଙ୍କୁ ଚାହିଁଥାନ୍ତି । ଗରୁଡସ୍ତମ୍ଭ ପଛପଟେ ରହି ସ୍ତମ୍ଭ ଛୁଇଁ ପ୍ରଭୁ ଜଗନ୍ନାଥଙ୍କୁ ଚାହିଁଲେ ତାଙ୍କ ଚକାଆଖି ଦେଖାଯାଏ । ଶ୍ରୀଚୈତନ୍ୟ ସେହିଠାରେ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ଗରୁଡ ସ୍ତମ୍ଭ ପଛକୁ ଭୋଗମଣ୍ଡପ । ସେଇଠି ଭୋଗମଣ୍ଡପ ନୀତିରେ ଭୋଗ କରାଯାଏ । ଗରୁଡ ସ୍ତମ୍ଭ ନିକଟରୁ ଆଗକୁ ଯାଇ ଜଗମୋହନରେ ନୟନ ପଟରେ ଦେଖେ ଅବର୍ଣ୍ଣନୀୟ ରତ୍ନସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି – ସ୍ତମ୍ଭାକୃତି ସୁଦର୍ଶନ, ପ୍ରଭୁ ଜଗନ୍ନାଥ, ମା' ସୁଭଦ୍ରା ଓ ବଡଭାଇ ବଳଭଦ୍ର । ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ୟତିତ ମାଧବ ଶ୍ରୀଦେବୀ ଓ ଭୂଦେବୀଙ୍କ ମୂର୍ତ୍ତି ଜଗନ୍ନାଥଙ୍କ ଆସ୍ଥାନର ନିମ୍ନଭାଗରେ ଓ ବଳଭଦ୍ରଙ୍କ ପାଖରେ ରାମକୃଷ୍ଣ । ଗର୍ଭଗୃହରେ ଠାକୁର କେତେ ବୃହତ୍ ଦେଖାଯାଆନ୍ତି, ତାହା ପ୍ରତ୍ୟକ୍ଷଦର୍ଶୀ ହିଁ ହୃଦୟଙ୍ଗମ କରିପାରିବ । ସେ ଶିହରଣ, ପୁଲକିତ ପ୍ରାଣ, କେବଳ ଲୋମ ଓ ନେତ୍ରର ଲୋତକ ହିଁ ବୁଝି ପାରିବ । ପ୍ରଭୂଙ୍କୁ ମନ ଭରି ଦର୍ଶନ ପରେ ବାହାରକୁ ଫେରିବାକୁ ହୁଏ ।

କୀର୍ତ୍ତନ ଚକଡ଼ା ବା ପାଟ ଅଗଣାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷ୍ମୀମନ୍ଦିର କୁ ମୁହଁ କରି ଠିଆ ହେଲେ ବାମ ପଟେ ସତ୍ୟନାରାୟଣ ଓ ସାମ୍ନାରେ ମହାଲକ୍ଷ୍ମୀ ଏକା ସାଙ୍ଗରେ ଦର୍ଶନ କରିହୁଏ । ଆନନ୍ଦ ବଜାର ଯିବା ପୂର୍ବରୁ ଭିତରବେଢା ପାଟ ଅଗଣାରେ ନୀଳଚକ୍ର ଓ ପତିତପାବନ ବାନା ଦର୍ଶନ କରି ଅନ୍ୟ ତିନୋଟି ଦ୍ୱାର ଦେଖିବାକୁ ଇଚ୍ଛା ହୁଏ ।

କଳ୍ପବଟ ପାଖ ଦକ୍ଷିଣ ଦିଗ ପଟକୁ ଦକ୍ଷିଣଦ୍ୱାର । ଏହି ଦ୍ୱାର ଦେଇ ରାଜା ମହାରାଜା, ସାଧୁ ସନ୍ଥ ଓ ପାଟ ମାହାଦେଇ ଦର୍ଶନାର୍ଥେ ଆସି ଥାଆନ୍ତି । ଏହାକୁ ଅଶ୍ୱ ଦ୍ୱାର କହନ୍ତି । ପ୍ରଭୁ କାଞ୍ଚି ଅଭିଯାନରେ ଏହି ଦ୍ୱାରରୁ ଯାତ୍ରା କରିଥିଲେ । ବାମପଟେ ଏକ ହଲରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ରହିଛନ୍ତି । ସମ୍ମୁଖରେ ଗୌରାଙ୍ଗ ମହାପ୍ରଭୁ, ନୃସିଂହ ଅଛନ୍ତି, ଅନେକ ଫଟୋଚିତ୍ର ରହିଛି ।

ପଶ୍ଚିମ ଦ୍ୱାର ବ୍ୟାଘ୍ର ରୂପେ ପରିଚିତ । ଏହିଦ୍ୱାର ଉତ୍ତର ପଟକୁ ମହାବୀର ଅଛନ୍ତି । ହନୁମାନ ପଶ୍ଚିମ ଦ୍ୱାରକୁ ଜଗି ରହିଛନ୍ତି ତାଙ୍କୁ କାନପତା ହନୁମାନ କହନ୍ତି । ଏହି ଦ୍ୱାରରେ ନିଳାଦ୍ରି ବିହାର ତଥା ନୀଳାଚଳ ଉପବନ ରହିଛ । ଏଠାରେ ଚାରିଧାମର ପ୍ରତୀକାତ୍ମକ ଦୃଶ୍ୟ ଓ ବିଶ୍ୱରୂପ ଦର୍ଶନର ଚିତ୍ରପଟ ଅଛି । ଅଳ୍ପ ଦୂରରେ ମହାପ୍ରସାଦ ଖଳା ଅବଢାକୁ ଶୁଖାଇ ମହାପ୍ରସାଦ କରାଯାଇ ଛୋଟ ଛୋଟ ମୁଣିରେ ବିକ୍ରୀକରିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ଶ୍ରୀମନ୍ଦିର ଉତ୍ତର ଦ୍ୱାରକୁ ହସ୍ତୀଦ୍ୱାର କୁହାଯାଏ । ଆଠଫୁଟ୍ ଉଚ୍ଚତା ବିଶିଷ୍ଟ ହସ୍ତୀ ଉପରେ ମାହୁନ୍ତ ବସିଛନ୍ତି । ଦୁଇ ପଟରେ ଦୁଇଟି ହସ୍ତୀ । ଏହାକୁ ଚେମେଣି ଦ୍ୱାର ମଧ କୁହାଯାଏ । ଏହି ଉତ୍ତର ଦ୍ୱାର ଭିତରେ ପଶ୍ଚିମ ପଟରେ କୋଇଲି ବୈକୁଣ୍ଠ ଅଛି । ସୂର୍ଯ୍ୟାସ୍ତ ପରେ ଏହି ଦ୍ୱାର ବନ୍ଦ କରାଯାଏ । ଗଭୀର ରାତ୍ରିରେ ଦେବତା ମାନେ ସିଂହାସନରେ ପ୍ରଭୁଙ୍କୁ ଦର୍ଶନ କରନ୍ତି ବୋଲି ଶୁଣାଯାଏ । କୋଇଲି ବୈକୁଣ୍ଠ ପୁରାତନ ଦାରୁ ବିଗ୍ରହ ମାନଙ୍କ ଚିର ବିଶ୍ରାମ ସ୍ଥଳୀ ଓ ନୂତନ ଦାରୁଙ୍କ ଆଶ୍ରୟ ସ୍ଥଳୀ । କୋଇଲି ବୈକୁଣ୍ଠ ବୁଲି ଦେଖିବା ପାଇଁ ଟିକେଟ କରି ଯାଇହୁଏ । ଏହା ଭିତରେ ତୁଳସୀ ଓ ଅନ୍ୟାନ୍ୟ ଫୁଲଗଛ ରହିଛି । ଉତ୍ତର ଦ୍ୱାର ପଟେ ଶ୍ରୀମନ୍ଦିର ଭିତରେ ଶୀତଳା ଠାକୁରାଣୀଙ୍କ ଛୋଟ ମନ୍ଦିର ଅଛି ଓ ସୁନା କୂପ ଅଛି ଏହି କୂଅର ପୁରୁଣାପାଣି ସ୍ନାନଯାତ୍ରା ସମୟରେ ପୂର୍ବଦିନରୁ କଢାଯାଇ ପରିଷ୍କାର କରାଯାଏ ଓ ନୂଆପାଣି ଝରେ । ଏହି କୂଅର ପାଣି ପୂଜାରେ ଓ ସ୍ନାନଯାତ୍ରା ସମୟରେ ବ୍ୟବହୃତ ହୁଏ । ତାପରେ ଭକ୍ତ ଆନନ୍ଦ ବଜାରରେ ପ୍ରବେଶ କରି ପ୍ରଥମେ ଟଙ୍କ ତୋରାଣି ପିଇ ମନକୁ ଆନନ୍ଦ ଓ ଆତ୍ମାକୁ ତୃପ୍ତ କରେ । ସତେ ଅବା ବୁଲିବାର କ୍ଳାନ୍ତି ଦୂର ହୋଇଯାଏ । ଆନନ୍ଦ ବଜାରରେ ଅନ୍ନ ମହାପ୍ରସାଦ ଓ ଶୁଖିଲା ଭୋଗ ମିଳେ । ଏହାର ଉତ୍ତରପୂର୍ବ ଆଡକୁ ସ୍ନାନ ମଣ୍ଡପ ରହିଅଛି । ସ୍ନାନଯାତ୍ରା ସମୟରେ ତିନିଠାକୁର ଏଠାରେ ସ୍ନାନକରନ୍ତି ।

ଓଡିଆ ପରମ୍ପରାରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ବାର ମାସରେ ତେର ପର୍ବ ପାଳିତ ହୁଏ । ବୈଶାଖର ଅକ୍ଷୟ ତୃତୀୟା ଠାରୁ ରୌଦ୍ର ତାପରୁ ରକ୍ଷା ପାଇବା ନିମିତ୍ତ ଶ୍ରୀ ଜୀଉମାନେ ନରେନ୍ଦ୍ର ପୁଷ୍କରିଣୀ କୁ ଘଣ୍ଟା ଘଣ୍ଟାବାଦ୍ୟରେଚପ ଖେଳିବାକୁ ଯାଆନ୍ତ । ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଚଳନ୍ତି ପ୍ରତିମା ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ, ପଞ୍ଚ ମହାଦେବ ଓ ରାମକୃଷ୍ଣ ଙ୍କୁ ମଣି ବିମାନ ଓ ପାଲିଙ୍କିରେ ନିଅନ୍ତି । ମଣିବିମାନରେ ମହାପ୍ରଭୁ ମଦନମୋହନ, ଭୁଦେବୀ ଓ ଶ୍ରୀଦେବୀ ଏବଂ ପାଲିଙ୍କିରେ ରାମକୃଷ୍ଣ ପଞ୍ଚମହାଦେବ ଯାଆନ୍ତି । ଗୋଟିଏ ଲାଲ ଚାପରେ ରାମକୃଷ୍ଣ ଓ ପଞ୍ଚମହାଦେବ, ଧଳାଚପରେ ମଦନମୋହନ ଭୂଦେବୀ,ଶ୍ରୀଦେବୀ ଚପ ଖେଳନ୍ତି । ଚନ୍ଦନ କୁଣ୍ଡଥାଏ । ପ୍ରଥମ କୁଣ୍ଡରେ ରାମକୃଷ୍ଣ ଦ୍ୱିତୀୟ କୁଣ୍ଡରେ ମଦନମୋହନ ଭୁଦେବୀ, ଶ୍ରୀଦେବୀ ଓ ତୃତୀୟ କୁଣ୍ଡରେ ପଞ୍ଚ ମହାଦେବ ବୁଡି ଥାଆନ୍ତି । ଫେରିଲା ବେଳେ ମାଣ୍ଡୁଅଇତ୍ୟାଦି ଭୋଗ ଖାଆନ୍ତି ଓ ବାଟରେ ପନ୍ତି ଭୋଗ ଖାଆନ୍ତି । ଏହା ମଠ ମାନେ ଦିଅନ୍ତି । ଜ୍ୟେଷ୍ଠ ମାସରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ ଯାତ୍ରା ହୁଏ । ଏହାକୁ ସ୍ନାନ ପୂର୍ଣ୍ଣିମା ମଧ କରନ୍ତି ।

"ସ୍ନାନ ଗୁଣ୍ଡିଚ଼ ଏ ବେନି ସ୍ୱୟଂଲୀଳା ଯାର
ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର"

ଠାକୁରମାନେ ରତ୍ନସିଂହାସନରୁ ପହୁଣ୍ଡ ହୋଇ ଟାହିଆ ପିନ୍ଧି ସ୍ନାନବେଦୀକୁ ଆସନ୍ତି । ଆନନ୍ଦବଜାର ନିକଟରେ ସ୍ନାନବେଦୀ । ସେଠାରେ ସ୍ନାନଯାତ୍ରା ହୁଏ । ଏହା ଦେବ ସ୍ନାନ ପୂର୍ଣ୍ଣିମା । ସ୍ନାନଯାତ୍ରର ପୂର୍ବଦିନ ଅର୍ଥାତ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସମସ୍ତ ନୀତି ପାଳନ କରାଯାଇ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟସ୍ଥ "ଶୀତଳା ଦେବୀ"ଙ୍କୁ ପୂଜା କରି ତାଙ୍କ ନିକଟରେ ଥିବା ସୁନାକୂଅ ଜଳ ଉଠା ଯାଏ । ନୂତନ କ୍ଷରିତ ଜଳରେ ସମସ୍ତ ତୀର୍ଥ ଜଳ ପ୍ରବେଶ କରିଥାନ୍ତି । ସେ ଦିନ ଶ୍ରୀଜୀଉମାନଙ୍କୁ ଗଙ୍ଗା ଓ ଯମୁନା ଜଳରେ ସ୍ନାନ କରାଯିବାର ବିଧିଅଛି । ଏହିଜଳ ଆନନ୍ଦବଜାର ସରଘରେ ଗରାରେ ପୂର୍ବରୁ ରଖିଥାନ୍ତି । ଗରାରେ ଘୋରା ହୋଇଥିବା ଚନ୍ଦନ,କର୍ପୁର ଚୁଆ ମିଶାଯାଇ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଜଳ ମେକାପମାନେ ଧରିଥିବା ରୂପା ଢ଼ାଳରେ ଗରାବଡୁ ମାନେ ଢ଼ାଳନ୍ତି । ତିନିଜଣ ମେକାପ ତିନିଜଣ ପୂଜାପଣ୍ଡାଙ୍କୁ ବଢ଼ାଇ ଦିଅନ୍ତି । ପୂଜାପଣ୍ଡା ମାନେ ସେ ଜଳକୁ ନେଇ ଶ୍ରୀଜୀଉମାନଙ୍କ ମୁଣ୍ଡରେ ଢ଼ାଳନ୍ତି । ସ୍ନାନ ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚତିରିଶଗଡୁ, ଶ୍ରୀ ବଳଭଦ୍ରଙ୍କୁ ତେତିଶ ଗଡୁ, ସୁଭଦ୍ରାଙ୍କୁ ବାଇଶ ଗଡୁ ଓ ସୁଦର୍ଶନଙ୍କୁ ଅଠରଗଡୁ ସୁବାସିତ ଓ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଏ । ସର୍ବମୋଟ ୧୦୮ ଗଡୁ ଜଳ ବ୍ୟବହାର କରାଯାଏ । ସ୍ନାନ ଶେଷରେ ଗଜପତି କିମ୍ବା ତାଙ୍କ ପ୍ରତିନିଧି ମୁଦିରସ୍ତ ଛେରା ପହଁରା କରିଥାଆନ୍ତି । ତା ପରେ ଭୋଗ ଅର୍ପଣ କରାଯାଏ । ଅପରାହ୍ନରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗଜାନନ ବା ଗଣପତି ଅଥବା ହାତୀବେଶ କରାଯାଏ । ଶ୍ରୀଜୀଉମାନଙ୍କ ବତିଶ ବେଶରୁ ଏହା ଅନ୍ୟତମ । ଶ୍ରୀଜଗନ୍ନାଥଙ୍କ ଗଣପତି ବେଶ ଧାରଣର ଏକ ହୃଦୟ ସ୍ପର୍ଶୀ କିମ୍ବଦନ୍ତୀ ଅଛି । ପଞ୍ଚଦଶ ଶତାବ୍ଦୀର ମହାରାଷ୍ଟ୍ର ରୁ ଗଣପତି ଭଟ୍ଟ ନାମରେ ଜଣେ ଗଣେଶଙ୍କ ଭକ୍ତ ପୁରୀ ଆସିଥିଲେ । ସ୍ନାନ ପୂର୍ଣ୍ଣିମାର ପୂର୍ବାହ୍ନରେ ଜଗନ୍ନାଥଙ୍କୁ ସ୍ନାନ ବେଦୀରେ ଦର୍ଶନ କରି ତାଙ୍କ ଆରାଧ ଦେବତା ଗଣପତି ରୂପରେ ଦର୍ଶନ କରି ନ ପାରି ମନଦୁଃଖରେ ଫେରି ଯାଉଥିଲେ ।, ଭକ୍ତବତ୍ସଳ ଜଗନ୍ନାଥ ଭକ୍ତର ମନକଥା ଜାଣି ତାଙ୍କୁ ପୁନଃ ଦର୍ଶନ କରାଇବାର ସ୍ୱପ୍ନାଦେଶ ମୁଦିରଥଙ୍କୁ ହେଲା । ସେ ପ୍ରତ୍ୟାବର୍ତ୍ତନ କରି ଗଣପତି ବେଶରେ ଆରାଧ ଦେବତାଙ୍କୁ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେକଲେ । ସେହି ଦିନ ଠାରୁ ଜଗନ୍ନାଥଙ୍କର ଗଣପତି ବେଶ ବା ହାତୀବେଶ ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ବେଦୀରେ ଅପରାହ୍ନରେ ହୋଇ ଆସୁଛି । ମାତ୍ର ସୁଭଦ୍ରାଙ୍କର ହାତୀବେଶ ହୋଇ ନ ଥାଏ, ସୁଭଦ୍ରା ଅନ୍ୟ ଅଳଙ୍କାରରେ ଆଭୂଷିତା ହୋଇ ଥାଆନ୍ତି । ବିଳମ୍ବ ରାତି ଯାଏ ଏହି ବେଶ ରହିଥାଏ । ଏହାପରେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଅଣସର ଗୃହକୁଯାଇ ଅବସ୍ଥାନ କରନ୍ତି । ଅଣସର ନୀତି ଶେଷ ହେବାପରେ ନବଯୌବନ ଦର୍ଶନ , ନେତ୍ରୋତ୍ସବ ଶେଷ ହେଲେ ରଥଯାତ୍ରା ନିମନ୍ତେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥକୁ ଶ୍ରୀଜୀଉମାନେ ବିଜେ ହୋଇ ଥାଆନ୍ତି । ଅଣସର ସମୟରେ ପଟ୍ଟ ଦିଅଁ ପୂଜା ହୁଅନ୍ତି ଓ ଭକ୍ତ ମାନେ ଅଲାରନାଥ (ବ୍ରହ୍ମଗିରି) ଯାଇ ପ୍ରଭୁଙ୍କ ଦର୍ଶନ ପାଆନ୍ତି । ଏହା ପୁରୀଠାରୁ ୨୨ କିଲୋମିଟର ଦୂର । ଆଷାଢ଼ ଅମାବାସ୍ୟକୁ ଉଭା ଅମାବାସ୍ୟା କୁହାଯାଏ । ଏହି ଦିନ ପଟ୍ଟଦିଅଁ ରୂପେ ପୂଜା ପାଉଥିବା ଦୋଳ ଗୋବିନ୍ଦ ରାମକୃଷ୍ଣ, ନୃସିଂହ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ,ନାରାୟଣ, ବାସୁଦେବ ଓ ଭୁବନେଶ୍ୱରୀ ନିଜ ନିଜ ସ୍ଥାନକୁ (ମଣ୍ଡଣି ଗୃହ) ନିଆଯାଏ । ବର୍ଷକ ପରେ ପଟ୍ଟଦିଅଁମାନଙ୍କୁ ଜଳରେ ବିସର୍ଜନ କରାଯାଏ । ତପ୍ରେ ଅଣସର ତାଟି ଖୋଲାଯାଏ । ପାଣିପଡି ପରିଷ୍କାର ହେବାପରେ ସର୍ବସାଧାରଣଙ୍କୁ ଦର୍ଶନ ପାଇଁ ଛାଡନ୍ତି । ଏହାକୁ ଜୀଉମାନଙ୍କର ନବଯୌବନ ଦର୍ଶନ ବୋଲି କୁହାଯାଏ । ଏହି ଦିନ ଠାକୁର ମାନେ ପ୍ରଥମ ଦର୍ଶନ ଦେଉଥିବାରୁ ଏହାକୁ ଉଭା ଅମାବାସ୍ୟା କହନ୍ତି । ନବ ଯୌବନ ଦର୍ଶନ ର ଦୁଇଦିନ ପୂର୍ବରୁ ଜୀଉମାନଙ୍କର ରଙ୍ଗକାର୍ଯ୍ୟ କରାଯାଏ ।

ଆଷାଢ଼ ଶୁକ୍ଳ ପ୍ରତିପଦା ଦିନ ଜୀଉମାନଙ୍କର 'ନେତ୍ରୋତ୍ସବ' ହୋଇଥାଏ । ସାଧାରଣଃ ସକାଳଓଳି ନେତ୍ରୋତ୍ସବ ହୁଏ । ଏହାର ପୂର୍ବ ରାତିରେ ଦତ୍ତ ମହାପାତ୍ରମାନେ ତିନି ଗୋଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ତିନି ଗୋଟି ତୂଳି ସହ ପୂଜକଙ୍କୁ ଦେଇଥାଆନ୍ତି । ଏହି କଳା ନେଇ ପୂଜକ ତିନି ଜୀଉଙ୍କ ନେତ୍ରରେ ଆଂଶିକ ଛାଡି ଯାଇଥିବା କାର୍ଯ୍ୟକୁ ପୂର୍ଣ୍ଣ କରିଥାନ୍ତି । ଏହା ଜୀଉଙ୍କ "ଚକ୍ଷୁଦାନ" ବୋଲି କୁହାଯାଏ । ଏହାହିଁ ନେତ୍ରୋତ୍ସବ । ନେତ୍ରୋତ୍ସବ ଶେଷ ହେବା ପରେ ଜୀଉମାନଙ୍କୁ ବନ୍ଦାପନା କରାଯାଇ "ନିଉଛାଳି" ଗାମୁଛା ଲାଗିହୁଏ । ଏହାପରେ ମହାସ୍ନାନ ପୁଷ୍ପଲାଗି ଓ ଚନ୍ଦନ ଲାଗି ହୋଇ ସର୍ବାଙ୍ଗ ନୀତି ଶେଷ ହୁଏ । ଏହି ତିଥି ରଥଯାତ୍ରାର ପ୍ରାକ୍ ପ୍ରସ୍ତୁତି ଓ ଏହି ନୀତି ପରେ ଶ୍ରୀ ଜୀଉମାନଙ୍କଠାରୁ ଆଜ୍ଞାମାଳ ନେଇ ଶ୍ରୀନଅର ନିକଟରେ ତିନିରଥରେ ଦେବାପରେ ରଥ ତିନୋଟି ସିଂହଦ୍ୱାର ନିକଟକୁ ଆସିଥାଆନ୍ତି । ସବୁ ପର୍ବ ଓ ଯାତ୍ରାମାନଙ୍କ ମଧ୍ୟରେ ରଥଯାତ୍ରା ପ୍ରଧାନ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥଯାତ୍ରା ଅନୁଷ୍ଠିତ ହୁଏ । ଏହି ଯାତ୍ରାକୁ ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ପତିତପାବନ ଯାତ୍ରା, ଦଶାବତାର ଯାତ୍ରା, ଆଡପ ଯାତ୍ରା, ମହାବେଦୀ ଯାତ୍ରା ଓ ଅନ୍ତର୍ବେଦୀ ଯାତ୍ରା କୁହାଯାଏ । ରଥରେ ବାମନରୂପୀ – ଜଗନ୍ନାଥଙ୍କୁ ଦର୍ଶନ କଲେ ପୁନଃର୍ଜନ୍ମ ହୁଏ ନାହିଁ ବୋଲି ବ୍ରହ୍ମପୁରାଣରେ ବର୍ଣ୍ଣିତ ହୋଇଛି ।

ଶ୍ରୀଗୁଣ୍ଡିଚା ଦିନ ସମସ୍ତ ନୀତି ସମାପ୍ତି ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି ଭୋଗଲାଗି ହୁଏ । ତପ୍ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜୟ ଆରମ୍ଭ ହୁଏ । ପ୍ରଥମେ ସୁଦର୍ଶନ, ତପ୍ରେ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଏ । ସାତ ପାହାଚ ନିକଟରେ ରାଘବ ଦାସ ମଠ

(ଶେଷ ପୃଷ୍ଠା ଦେଖନ୍ତୁ)



# ଶ୍ରୀ ଜଗନ୍ନାଥ.... (ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)



ପକ୍ଷରୁ ଟାହିଆଶ୍ରୀଜୀଉମାନଙ୍କ ମସ୍ତକରେ ଲାଗିହୁଏ । ଖୁଣ୍ଟିଆଙ୍କ "ମଣିମା, ମଣିମା" ଡାକ ଓ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଧ୍ୱନିରେ ପହଣ୍ଡି ହୁଏ ।

ଚକ୍ରରାଜ ସୁଦର୍ଶନ ପ୍ରଥମେ ଆସି ମା ସୁଭଦ୍ରାଙ୍କ ଦେବଦଳନ ରଥରେ ରଥାରୂଢ଼ ହୁଅନ୍ତି । ତତ୍ପରେ ବଳଭଦ୍ର ତାଳଧ୍ୱଜ ରଥରେ ବିଜେ ହୁଅନ୍ତି । ହରିଦ୍ରା-ବଦନୀ କାମ୍ପିଲ୍ୟବାସିନୀ ମା ସୁଭଦ୍ରା ଦେବଦଳନ ରଥରେ ବିଜେ ହେବା ପରେ ଶ୍ରୀ ଜଗନ୍ନାଥ ପହଣ୍ଡିରେ ଆସି ନନ୍ଦିଘୋଷ ରଥରେ ଆରୁଢ଼ ହୁଅନ୍ତି । ତତ୍ପରେ ରାମ ଓ କୃଷ୍ଣ ବଳଭଦ୍ରଙ୍କ ରଥରେ ବସିବା ପରେ ଶ୍ରୀମଦନମୋହନ ନନ୍ଦିଘୋଷ ରଥକୁ ଆସନ୍ତି । ସୋଲ ନିର୍ମିତ ଚିତା ଲାଗି ହେବା ପରେ ଜୀଉମାନଙ୍କର ବେଶବାସ ଓ ଅଳଙ୍କାର ଥିବା ସିନ୍ଧୁକ ଗୁଡିକ ରଥରେ ଯଥା ସ୍ଥାନରେ ରଖାଯାଏ । ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ଶ୍ରୀ ଗଜପତି ମହାରାଜାଙ୍କୁ ଛେରା ପହଁରା ପାଇଁ ନିମନ୍ତ୍ରଣ କରାଯାଏ । ଗଜପତି ମହାରାଜା ସେଦିନ ଉପବାସ ରେ ଥାଆନ୍ତି । ସେ ରାଜବେଶରେ ତାମଯାନୀ ଚଢ଼ି ଛତ୍ର କାହାଳୀ ପଟୁଆରରେ ଆସନ୍ତି । ପ୍ରଥମେ ବଳଭଦ୍ର ତାପରେ ଜଗନ୍ନାଥ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଛେରାପହଁରା କରି ନିଜ ଶ୍ରୀନଅରକୁ ପ୍ରସ୍ଥାନ କରନ୍ତି । ତାପରେ ବଳଭଦ୍ରଙ୍କ ରଥରେ କଳାଘୋଡା,ଜଗନ୍ନାଥଙ୍କ ରଥରେ ଧଳା ଘୋଡା ଓ ସୁଭଦ୍ରାଙ୍କ ରଥରେ ନାଲି ଘୋଡା, ଚାରିଗୋଟି ଲେଖାଁଏ ଯୋଚା ହୁଅନ୍ତି,ଚାରମାଳ ଖୋଲାଯାଏ । ଦଉଡି ଲଗାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ । ରଥରେ ଶୃଙ୍ଖଳା ଭୋଗ ହୁଏ ।

ଗୁଣ୍ଡିଚ଼ା ଘରେ ପହଞ୍ଚିଲେ ପହଣ୍ଡି କରାଯାଇ ଠାକୁର ମାନଙ୍କୁ ଆଡପମଣ୍ଡପକୁ ନିଆଯାଇଥାଏ । ବଡଦାଣ୍ଡ ଜନ ସମୁଦ୍ରର ଲହଡି ଭାଙ୍ଗୁଥାଏ । ଭକ୍ତ ମନଭରି ଦର୍ଶନ କରି ଗୁହାରି ଜଣାଏ । ହେରା ପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ କ୍ରୋଧାନ୍ୱିତ ହୋଇ ସ୍ୱତନ୍ତ୍ର ବିମାନ ଚଢି ଗୁଣ୍ଡିଚା ଘର ଆଡପମଣ୍ଡପ ଆସି ନନ୍ଦିଘୋଷ ରଥରୁ ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି । ସେଆସିଲା ବେଳେ ବିମଳାଙ୍କୁ ଜଣାଇ ମୋହଚୂର୍ଣ୍ଣ ଆଣି ଠାକୁରଙ୍କୁ ଶ୍ରୀମନ୍ଦିର ଶିଘ୍ର ଫେରିଯିବାର ବ୍ୟବସ୍ଥା କରନ୍ତି । ବିଭିନ୍ନ ସାହିରେ ଭୋଗ ଖାଇ ଶ୍ରୀମନ୍ଦିର ଫେରନ୍ତି । ତାପର ଦିନ ଆଜ୍ଞାମାଳ ରଥରେ ବନ୍ଧାଯାଇ ରଥ ଗୁଡିକୁ ଦକ୍ଷିଣ ମୋଡ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟକୁ ଅଣାଯାଏ । ନବମୀ ଦିନ ସନ୍ଧ୍ୟାରେ ଶ୍ରୀ ଜୀଉମାନଙ୍କ ଆଡପ ମଣ୍ଡପରେ ସନ୍ଧ୍ୟା ଦର୍ଶନ କରନ୍ତି । ସେ ଦିନ ସଂନ୍ଧ୍ୟା ଦର୍ଶନରେ ଅନେକ ପୁଣ୍ୟ ହୁଏ ଓ ପିତୃ ପୁରୁଷ ସନ୍ତୁଷ୍ଟ ହୁଅନ୍ତି । ଗୁଣ୍ଡିଚ଼ା ମନ୍ଦିରରେ ଶ୍ରୀଜୀଉମାନେ ଥିବା ବେଳେ ସେଠାରେ ମଧ୍ୟ ଶୁକ୍ଳ ଚତୁର୍ଥୀ ଠାରୁ ନବମୀ ପର୍ଯ୍ୟନ୍ତ ଅନ୍ନ ମହାପ୍ରସାଦ ଭୋଗ ପ୍ରସ୍ତୁତ ହୋଇଥାଏ । ଏଥି ପାଇଁ ଏକ ରୋଷଘର ଅଛି । ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣ ପରେ ଜଗମୋହନରେ ଏକ ସ୍ତମ୍ଭରେ ବିମଳାଙ୍କ ସ୍ଥିତି କଳ୍ପନା କରାଯାଇ ସେଠାରେନୈବେଦ୍ୟ ସମର୍ପିତ ହୁଏ । ବିମଳାଙ୍କ ମନ୍ଦିରକୁ ଥାଳିଏ ଅନ୍ନଭୋଗ ପଠାଯିବା ପରେ ପରିବେଷଣ ଆରମ୍ଭ ହୁଏ ।

ଆଡପ ମଣ୍ଡପ ଅବସ୍ଥାନର ଶେଷ ତିନି ଦିନ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ କୁ "ମହାରାସୋତ୍ସବ" ବା "ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ" କୁହାଯାଏ । ଏହି ତିନି ଦିନ ପ୍ରତ୍ୟହ ରାସ ହୁଏ । ଜଗନ୍ନାଥଙ୍କର କାର୍ତ୍ତିକ ମାସରେ ଶରତ୍ ରାସ, ଫାଲଗୁନ ମାସରେ ବସନ୍ତ ରାସ ଓ ଆଷାଢ଼ ମାସରେ ଶ୍ରୀଗୁଣ୍ଡିଚ଼ା ମନ୍ଦିରରେ ମହାରାସ ବା ପ୍ରାବୃଟରାସ ଅନୁଷ୍ଠିତ ହୁଏ ।

ଶୁକ୍ଳ ଦଶମୀ ଦିନ ବାହୁଡା ଯାତ୍ରା ହୁଏ । ଶ୍ରୀ ଜୀଉମାନଙ୍କର ଶ୍ରୀ ମନ୍ଦିରକୁ ଫେରନ୍ତି ରଥଯାତ୍ରାକୁ ବାହୁଡା ଯାତ୍ରା କୁହାଯାଏ । ଫେରନ୍ତା ବାଟରେ ମାଉସୀ ମା ଅର୍ଦ୍ଧାସିନୀଙ୍କ ମନ୍ଦିରରେ ମାଉସୀଙ୍କ ହାତରେ ପୋଡପିଠା ଖାଇବାକୁ ପ୍ରଭୁଙ୍କ ରଥ ଅଟକି ଯାଏ । ଅର୍ଦ୍ଧାସିନୀଙ୍କ ନାମ ଅର୍ଦ୍ଧଶୋଷିଣୀ । ସେ ପ୍ରଳୟ ଜଳରୁ ଅର୍ଦ୍ଧେକ ଶୋଷି ନେଇ ପ୍ରଳୟ ଦାଉରୁ ପ୍ରଭୁଙ୍କୁ ଓ ମନ୍ଦିରକୁ ରକ୍ଷା କରିଥିଲେ ।

ଶ୍ରୀ ଜଗନ୍ନାଥଙ୍କ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରନ୍ତି । ରଥଗୁଡିକ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶୁକ୍ଳ ଏକାଦଶୀ ଦିନ ଶ୍ରୀ ଜୀଉ ମାନଙ୍କର ରଥ ଉପରେ ସୁନାବେଶ ହୁଏ । ଦ୍ୱାଦଶୀ ଦିନ ଅଧରପଣା ନୀତି ଅନୁଷ୍ଠିତ ହୁଏ । ପ୍ରତ୍ୟେକ ରଥରେ ବଡ ବଡ ମାଟି ପାତ୍ର (ଅଧରଛୁଇଁଲାଭଳି ହାଣ୍ଡିରେ) ପଣା ଭୋଗ ନୈବେଦ୍ୟ ପରେ ସେ ମାଟି ପାତ୍ର ଭାଙ୍ଗି ଦିଆଯାଏ । ବିଶ୍ୱାସ କରାଯାଏ ଯେ ବିଭିନ୍ନ ଚାମୁଣ୍ଡା ଓ ଅଶରିରୀମାନେ ଏହା ପାନ କରି ତୃପ୍ତ ହୁଅନ୍ତି । ତ୍ରୟୋଦଶୀ ଦିନ ସନ୍ଧ୍ୟାଧୂପ ଓ ଅନ୍ୟାନ୍ୟ ନୀତି ପରେ ଜୀଉ ମାନଙ୍କର ନୀଳାଦ୍ରି ବିଜେ ହୁଏ । ଜୟ ବିଜୟ ଦ୍ୱାର ନିକଟରେ ଲକ୍ଷ୍ମୀଙ୍କ ତରଫରୁ ଦାସୀ ମାନେ ଭିତରେ କବାଟ ବନ୍ଦ କରି ଦିଅନ୍ତି ତା ପୂର୍ବରୁ ସୁଦର୍ଶନ ବଳଭଦ୍ର ମହାପ୍ରଭୂ ଓ ମା' ସୁଭଦ୍ରାଙ୍କୁ ମା' ଲକ୍ଷ୍ମୀ ବାଟ ଛାଡି ଦେଇଥାଆନ୍ତି । କେତେକ ପଣ୍ଡା ଜଗନ୍ନାଥଙ୍କ ତରଫରୁ ବାହାରୁ ଓ ଦାସୀମାନେ ଭିତରୁ ପଦ ବୋଲୁ ଥାଆନ୍ତି । ଏହାକୁ ଲକ୍ଷ୍ମୀ ନାରାୟଣ କଳି କୁହାଯାଏ ।

ଓଡିଆ ଘରର ଚଳଣି ଅନୁସାରେ ରଥରେ ଦେଢ଼ଶୁର ଯାଉଥିବାରୁ ଲକ୍ଷ୍ମୀ ଯାତ୍ରା କରି ପାରନ୍ତି ନାହିଁ । ସ୍ତ୍ରୀଙ୍କୁ ନ ନେଇ ଭାଇ ଭଉଣୀ ସାଙ୍ଗ ହୋଇ ଯିବାରୁ ଲକ୍ଷ୍ମୀ କ୍ରୋଧାନ୍ୱିତ ହୁଅନ୍ତି । ଲକ୍ଷ୍ମୀ କ୍ରୋଧରେ କହନ୍ତି "କୁହ କାହିଁକି , ମୁଁ ତୁମର ଜଗୁଆଳି କି ?" ତା ପରେ ପାଟଶାଢ଼ୀ ଓ ରସଗୋଲା ଖୁଆଇ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ଶାନ୍ତ କରାନ୍ତି ଓ ବନ୍ଦାପନା ନୀତି ହୁଏ । ଏହି ନୀତି ପରେ ଶ୍ରୀ ଜଗନ୍ନାଥ ରତ୍ନ ସିଂହାସନରେ ବିଜେ ହୁଅନ୍ତି । ପ୍ରଭୁଙ୍କ ବିଷୟରେ ତଥା ତାଙ୍କ ଯାତ୍ରା ବିଷୟରେ କାଗଜ କଲମରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ପ୍ରତ୍ୟେକ୍ଷ ଦର୍ଶନ ଓ ଭାବହିଁ ଆତ୍ମତୃପ୍ତି ଦେଇଥାଏ ।

"ରଥେ ତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନ ବିଦ୍ୟତେ " । ଶ୍ରୀମନ୍ଦିରର ସମସ୍ତ ଐଶ୍ୱର୍ଯ୍ୟପୂର୍ଣ୍ଣ ସେବାରେ ନ ରହି ପାରି ରତ୍ନସିଂହାସନ ଛାଡି, ବାଇଶ ପାହାଚ ଅତିକ୍ରମ କରି ଚତୁର୍ଦ୍ଧା ମୂର୍ତ୍ତିବଡଦାଣ୍ଡକୁ ଚ଼ଳି ଆସନ୍ତି । ଧୂଳି ଧୂସରିତ ପରିବେଶରେ ରହି ଖରାବର୍ଷା ସହି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଉଚ୍ଚନୀଚ ସମସ୍ତ ଭେଦ ବିଚାର ନ କରି ଜନତାଙ୍କ ସହିତ ଏକାକାର ହୋଇଯାଆନ୍ତି । ସୃଷ୍ଟିର ସବୁ ମଣିଷ ସମାନ । ସମସ୍ତେ କେବଳ ପରମପିତା ପରମାତ୍ମାଙ୍କର ସନ୍ତାନ । ଭକ୍ତ ଓ ଭଗବାନଙ୍କର ମହାମିଳନ ସାରା ବିଶ୍ୱକୁ ସାମ୍ୟ ଓ ମୈତ୍ରୀର ବାଣୀ ଶୁଣାଇଥାଏ । ଉତ୍କଳୀୟ ସଂସ୍କୃତିର ଜଟିଳ, ଗଭୀର, ବ୍ୟାପକ ଓ ଗୁରୁତତ୍ତ୍ୱ ମାଧ୍ୟମରେ ବିଶ୍ୱପ୍ରେମର ପ୍ରତୀକ ରୂପେ ରଥଯାତ୍ରା ଅନୁଷ୍ଠିତ ହୁଏ ।

ଜଗନ୍ନାଥ ହେଉଛନ୍ତି ମର୍ଯ୍ୟାଦାର ପ୍ରତୀକଓ ତାଙ୍କ ରଥ ନନ୍ଦିଘୋଷ ହେଉଛି ଆନନ୍ଦ ବିତରଣକାରୀ ।ବଳଭଦ୍ର ହେଉଛନ୍ତି କର୍ମର ପ୍ରତୀକ ଓ ତାଙ୍କ ରଥ ତାଳଧ୍ୱଜ କର୍ମ ପ୍ରବଣତାର ପ୍ରତୀକ । ସୁଭଦ୍ରା ହେଉଛନ୍ତି ଶକ୍ତିର ପ୍ରତୀକ ଓ ତାଙ୍କ ରଥ ଦର୍ପଦଳନ ହେଉଛି ଅହଙ୍କାର ନାଶକାରୀ । ଲୋହିତ ବର୍ଣ୍ଣ ସୁଦର୍ଶନ ହେଉଛନ୍ତି ସମଗ୍ର ମାନବ ଜାତିର ନ୍ୟାୟର ପ୍ରତୀକ । ସାମ୍ୟ, ମୈତ୍ରୀ, ସଂହତି, ଶାନ୍ତି, ପ୍ରେମ ସହଯୋଗ, ଉଦାରତା, ଜ୍ଞାନ, କର୍ମ, ଶକ୍ତି, ଭକ୍ତି ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ରତ୍ନସିଂହାସନର ଏଇ ଚତୁର୍ଦ୍ଧାମୂର୍ତ୍ତି । ବିଶ୍ୱଭ୍ରାତୃତ୍ୱକୁ ନେଇ ସଂସାର ପଥରେ ଶୁଦ୍ଧ ଜୀବନ ଯାତ୍ରା ହେଉଛି ରଥଯାତ୍ରାର ଲକ୍ଷ୍ୟ ।

ଶ୍ରୀ କ୍ଷେତ୍ରରେ ପୁରୁଷ ଓ ନାରୀ ସମସ୍ତଙ୍କୁ ଅର୍ଥାତ ଉଭୟଙ୍କୁ ସମାନ ସ୍ଥାନ ଦିଆଯାଇଛି । ଲକ୍ଷ୍ମୀ ଜଗନ୍ନାଥଙ୍କ ପତ୍ନୀ ହେଲେ ହେଁ ଶକ୍ତିମୟୀ ଭଉଣୀ ସୁଭଦ୍ରା ରଥରେ ବସି ଭାଇମାନଙ୍କ ସହିତ ଯାତ୍ରା କରିଛନ୍ତି । ସ୍ୱାମୀ ନିକଟରେ ସ୍ତ୍ରୀ ଯେପରି ଅପରିହାର୍ଯ୍ୟ, ଭଉଣୀ ନିକଟରେ ଭାଇ ସେହିପରି ଅପରିହାର୍ଯ୍ୟ । ଭାଇ ନିକଟରେ ସ୍ନେହ ଓ ମମତାର ପ୍ରତୀକ ହୋଇ ଭଉଣୀ ଯେପରି ଠିଆ ହୁଏ, ସ୍ୱାମୀ ନିକଟରେ ପ୍ରେମ, ପ୍ରେରଣାଦାତ୍ରୀ ଓ ଶକ୍ତିମୟୀ ରୂପେ ସ୍ତ୍ରୀ ସେପରି ଠିଆ ହୁଏ ।

ରାଜକୀୟ ଆଡମ୍ବର ସହ ଉତ୍କଳ ଗଜପତି ମହାରାଜ ଆସି ରଥରେ କରୁଥିବା ଛେରାପହଁରା କାର୍ଯ୍ୟ କରନ୍ତି । ଅହଙ୍କାର ଶୂନ୍ୟ ହୋଇ ଗଜପତି ରଥ ଉପରେ କରୁଥିବା ଛେରାପହଁରା କାର୍ଯ୍ୟ ସେବା ଓ କର୍ମର ପ୍ରତୀକ । ରଥରୂପୀ ଶରୀରକୁ ନିର୍ମଳ ରଖିବା ଏକାନ୍ତ ଆବଶ୍ୟକ । ଏଣୁ ଆମ ଜଗନ୍ନାଥ ସଂସ୍କୃତି ସ୍ୱାତନ୍ତ୍ର୍ୟର ବହୁ ଉର୍ଦ୍ଧ୍ୱରେ । ପ୍ରଭୁ ଶ୍ରୀମନ୍ଦିରରେ ରାଜକୀୟ ଐଶ୍ୱର୍ଯ୍ୟ ଲୀଳା ସଂରଚନା କରୁଥିଲେ ହେଁ ଅଗଣିତ ଭକ୍ତଙ୍କ ସହିତ ମାଧୁର୍ଯ୍ୟ ଲୀଳା ରଚନା କରିବା ପାଇଁ ରତ୍ନସିଂହାସନରୁ ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଭକ୍ତ ମାନଙ୍କର ନୃତ୍ୟ, ଗୀତ, ସଂକୀର୍ତ୍ତନ ଇତ୍ୟାଦି ରଥଯାତ୍ରାକୁ ଜୀବନ୍ତ ଓ ମଧୁମୟ କରିଦିଅନ୍ତି । ଏହି ତ ବୈକୁଣ୍ଠ ।

ଅବନ୍ତୀରାଜ ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶରେ ମହାପ୍ରଭୂଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହେଲେ । ଚ଼ରିଦିଗକୁ ଲୋକ ପଠାଇ ଅନୁସନ୍ଧାନ ନେବା ପରେ ମନ୍ତ୍ରୀ ବିଦ୍ୟାପତି ସନ୍ଧାନ ପାଇଲେ । ବିଶ୍ୱାବସୁଙ୍କ ପାଖରେ ପହଞ୍ଚି ବହୁ ଚେଷ୍ଟା ପରେ ସୋରିଷ ବୁଣି ଗଛ ଉଠି ଫୁଲ ଫୁଟିବା ପରେ ପ୍ରକୃତ ସ୍ଥାନରେ ବିଶ୍ୱାବସୁଙ୍କୁ ଅନୁସରଣ କରି ପହଞ୍ଚିଲେ । ତାହା ଥିଲା ଅଗମ୍ୟ ସ୍ଥଳି । ବିଶ୍ୱାବସୁଙ୍କ କନ୍ୟାକୁ ବିଦ୍ୟାପତି ବିବାହ କରି ବିଶ୍ୱାସ ଭାଜନ ହୋଇ ଗଲେ । ସର୍ବଶେଷରେ ମାଳା ଗୋଟିଏ ଧରି ଓ ମହାପ୍ରସାଦ ଧରି ବିଶ୍ୱାବସୁଙ୍କଠାରୁ ବିଦାୟ ନେଲେ, ଅବନ୍ତୀ ରାଜ ଇନ୍ଦ୍ରଦ୍ୟୁମ୍ନଙ୍କୁ ସମ୍ବାଦ ଦେବାକୁ ।

ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ପୃଥିବୀ ବିଖ୍ୟାତ ଅବନ୍ତୀ ନଗରୀରେ ବାସ କରୁଥିଲେ । ଭାଗବାନଙ୍କ ଚରଣାର ବିନ୍ଦରେ ସମର୍ପିତ ହୋଇ ଅଭୁତ ପ୍ରଶ୍ନ ତାଙ୍କ ମନକୁ ଆସୁଥିଲା । ସେ ବ୍ୟାକୁଳ ହୋଇ ସାଧୁ, ସନ୍ଥ, ତୀର୍ଥ ପର୍ଯ୍ୟଟକ ଓ ଅଧ୍ୟାତ୍ମବାଦୀ ମାନଙ୍କୁ ପଚାରୁଥିଲେ "ହେ ସଜ୍ଜନ ବୃନ୍ଦ ! ଆପଣମାନେ ସେ ଧାମଟି କେଉଁଠି ଜାଣିଛନ୍ତି କି ଯେଉଁଠି ମୁଁ ଏ ଚର୍ମଚକ୍ଷୁରେ ଜଗନ୍ନାଥଙ୍କୁ ସାକ୍ଷାତ ଦର୍ଶନ କରିପାରିବି ? ରାଜଙ୍କର ଦୃଢ ସଂକଳ୍ପ ଯେ ଚର୍ମଚକ୍ଷୁରେ ହିଁ ଜଗନ୍ନାଥଙ୍କୁ ଦେଖିବେ ତାଙ୍କର ଏହି ମନୋଭାବ ଜାଣି ଜଣେ ତୀର୍ଥଗାମୀ ନିଜ ହସ୍ତଯୋଡି ରାଜାଙ୍କୁ ଆନନ୍ଦରେ କହିଲେ ଯେ ସେ ଅନେକ ତୀର୍ଥ ଭ୍ରମଣ କରିଛନ୍ତି ଓ ବହୁ ଲୋକ ମୁଖରୁ ଶୁଣିଛନ୍ତି ଯେ ଭାରତ ବର୍ଷର ଉଡ୍ର ନାମକ ଖ୍ୟାତ ଦେଶର ଦକ୍ଷିଣ ସମୁଦ୍ର ତୀରରେ ପୁରୁଷୋତ୍ତମ ନାମକ କ୍ଷେତ୍ର ରହିଛି । ତନ୍ମଧ୍ୟରେ ନୀଳ ପର୍ବତ ବିଦ୍ୟମାନ ତା'ର ଚତୁର୍ଦ୍ଦିଗ ନାନାବିଧ ବୃକ୍ଷଲତାରେ ପରିପୂର୍ଣ୍ଣ । ପର୍ବତର ମଧ୍ୟ ସ୍ଥଳରେ ମନୋହର କଳ୍ପବୃକ୍ଷଟି ଶୋଭା ବର୍ଦ୍ଧନ କରୁଛି । ଦକ୍ଷିଣ ଦିଗରେ ରୋହିଣୀ ନାମକ କୁଣ୍ଡ ଅଛି । ଉକ୍ତ କୁଣ୍ଡର ପୂର୍ବ ଭାଗରେ ନୀଳକାନ୍ତମଣି ନିର୍ମିତ ବାସୁଦେବଙ୍କ ଏକ ମୂର୍ତ୍ତି ଅଛି । ନୀଳଗିରିର ପଶ୍ଚିମ ଦିଗରେ 'ଶବର ଦୀପକ' ନାମରେ ଆଶ୍ରୟ ସ୍ଥଳଟିଏ ରହିଛି । ସେହି ସ୍ଥାନରୁ ବିଷ୍ଣୁଙ୍କ ନିକଟକୁ ଯାତ୍ରା କରାଯାଏ । ଯାତ୍ରା ସମୟରେ ସାବଧାନରେ ଯିବାକୁ ହୁଏ । ସେଠାରେ ଜଗନ୍ନାଥ ସାକ୍ଷାତ ଶଙ୍ଖ, ଚକ୍ର ଓ ଗଦା ଧାରଣ କରି ଅବସ୍ଥାନ କରୁଛନ୍ତି । ତାଙ୍କ ଦର୍ଶନ ମାତ୍ରେ ଜୀବକୁ ମୁକ୍ତି ମିଳେ । ପ୍ରବାଦ ଅଛି ଏକ କାଳପକ୍ଷୀ ନୀଳମାଧବଙ୍କୁ ଦର୍ଶନ କରି ମୁକ୍ତି ଲାଭକଲା । ସେହି ତୀର୍ଥଗାମୀ ବ୍ୟକ୍ତିଙ୍କ ବୁଦ୍ଧି ନିର୍ମଳ ଥିବାରୁ ସେ ସମସ୍ତଙ୍କ ଠାରେ ବିଷ୍ଣୁ ରୂପ ଦର୍ଶନ କରନ୍ତି । ସେ ଜଣେ ଜଟିଳ ତପସ୍ୱୀ ଥିଲେ । ରାଜଙ୍କୁ ଏ ସବୁ ବୃତ୍ତାନ୍ତ ଜଣାଇ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନ ସନ୍ୟାସୀ ରୂପରେ ମୁହାମୁହିଁ ଏପରି ଉପଦେଶ ଦେବାର କାର୍ଯ୍ୟ ତାତ୍ପର୍ଯ୍ୟ କ'ଣ ? ଏହାର ତାତ୍ପର୍ଯ୍ୟ ହେଉଛି ଭଗବାନ କରୁଣା କଲେ ପ୍ରଥମେ ପରମାତ୍ମା ରୂପରେ ଶିକ୍ଷା ଦିଅନ୍ତି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପୁରୁଷୋତ୍ତମ ଧାମର ମହତ୍ୱ ଅବଗତ କରାଇବା ପାଇଁ ଭଗବାନ ଏକ ଜଟିଳ ସନ୍ୟାସୀ ରୂପରେ ଦେବାର୍ଚ୍ଚନ ଗୃହରେ ପ୍ରକଟ ହୋଇଥିଲେ ବୋଲି ସ୍କନ୍ଦପୁରାଣରୁ ସୂଚନା ମିଳେ ।

ସେହି ଜଟିଳ ତପସ୍ୱୀଙ୍କ ବାଣୀ ଶୁଣି ଶୁଣି ରାଜା କୁଳ ପୁରୋହିତଙ୍କୁ ଲକ୍ଷ୍ୟ କରି ବିସ୍ମିତ କଣ୍ଠରେ କହିଲେ, ହେ ଗୁରୁଦେବ ! ଏହି ଆଶ୍ଚର୍ଯ୍ୟ ବୃତ୍ତାନ୍ତ ଶୁଣି ଯେଉଁ ପ୍ରଭୁ ଅଛନ୍ତି ସେହି ସ୍ଥାନକୁ ଯିବାକୁ ମୋର ମନ ଉଚ୍ଛନ୍ନ ହେଉଛି । ପୁରୋହିତ ରାଜଙ୍କୁ ମୁକ୍ତିଦାତା କେଶବଙ୍କ ଦର୍ଶନର ବ୍ୟବସ୍ଥା କରିବାକୁ ପ୍ରବୋଧନା ଦେଲେ । କହିଲେ ସେହି ମହାପୁଣ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ଆମ୍ଭେମାନେ ବସବାସ କରିବା । ଆପଣଙ୍କ ଦେଶ ପର୍ଯ୍ୟଟକ ଅନୁଚରମାନଙ୍କ ସହିତ ମୋର କନିଷ୍ଠ ଭ୍ରାତା ବିଦ୍ୟାପତି ସେହି କ୍ଷେତ୍ରକୁ ଯିବେ । ସେ ନୀଳକନ୍ଦରରେ ଶ୍ରୀ ଜଗନ୍ନଥଙ୍କୁ ଦର୍ଶନ କରି ବାସୋପଯୋଗୀ ସ୍ଥାନ ନିର୍ଣ୍ଣୟ କରି ପରେ ସମ୍ବାଦ ଦେବେ ।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅନୁରୋଧକୁ ଏବଂ ଜ୍ୟେଷ୍ଠ ଭ୍ରାତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ବିଦ୍ୟାପତି ରଥରେ ଚଢିଲେ ଓ ଶ୍ରୀ ଜଗନ୍ନଥଙ୍କୁ ସ୍ମରଣ କରି କରି ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଯାତ୍ର କଲେ । ତାଙ୍କଜନ୍ମ ଆଜି ସାର୍ଥକ ହେଲା ବୋଲି ଚିନ୍ତାକଲେ । ତାଙ୍କର ପରମ ସୌଭାଗ୍ୟ ସେ ପାପନାଶକାରୀ ଭଗବାନଙ୍କ ମୁଖାରବିନ୍ଦ ଦର୍ଶନ କରିବେ । ନୀଳପର୍ବତର ପଶ୍ଚାତ ଭାଗରେ ଭଗବତ୍ ଭକ୍ତି ବିଷୟକ ଚର୍ଚ୍ଚା ହେବାର ଶୁଣିବାକୁ ପାଇଲେ । ସେମାନଙ୍କ ବଚନ ଶୁଣି ବିଦ୍ୟାପତି ଆନନ୍ଦିତ ହେଲେ ଶବର ମାନଙ୍କ ବାସଗୃହ ବେଷ୍ଟିତ ସ୍ଥାନଟି 'ଶବରାଳୟ' ନାମରେ ବିଖ୍ୟାତ ଥିଲା । ସେଠାରେ ବିଦ୍ୟାପତି ଯାହାଙ୍କୁ ଦେଖିଲେ ବିଷ୍ଣୁଙ୍କ ସ୍ୱରୂପ ଭାବରେ ହାତଯୋଡି ପ୍ରଣାମ କରି ସେଇଠି ରହି ଶବର ମାନଙ୍କ ମୁଖରୁ ହରି କଥା ଶ୍ରବଣ କରିବାର ସୌଭାଗ୍ୟ ଅର୍ଜନ କଲେ । ବିଦ୍ୟାପତି ଶ୍ରଦ୍ଧାନ୍ୱିତ ହୋଇ ସାଧୁମାନଙ୍କ ଗହଣରେ ରହୁଥାନ୍ତି । ହରିକଥା ଶ୍ରବଣ ସୌଭାଗ୍ୟ କେବଳ ଜଗନ୍ନାଥଙ୍କ ଅହୈତୁକ କୃପା ମାତ୍ର ।

ବିଦ୍ୟାପତି ହରି କଥା ଶୁଣୁଥିବା ବେଳେ ବିଶ୍ୱାବସୁ ନାମକ ଏକ ବୃଦ୍ଧ ଶବର ଶ୍ରୀହରିଙ୍କ ପୂଜା ସାରି ଛଡା ଚନ୍ଦନ ଦ୍ୱାରା ସୁଶୋଭିତ ହୋଇ ଫେରୁଛନ୍ତି । ଆଧ୍ୟାତ୍ମିକ ଆନନ୍ଦରେ ସେ ବିଭୋର ହୋଇଛନ୍ତି । ଏହା ଦେଖି ବିଦ୍ୟାପତି ନିଜକୁ ଭାଗ୍ୟବାନ ମନେକଲେ କାରଣ ବିଷ୍ଣୁଙ୍କ ଚରଣାଶ୍ରିତ ମହାତ୍ମାଙ୍କ ଦର୍ଶନ ମିଳିଲା । ଆଶାକଲେ ଏହାଙ୍କ ନିକଟରୁ ଦେବ ଦୁର୍ଲଭ ବିଷ୍ଣୁଙ୍କ ବାର୍ତ୍ତା ଶ୍ରବଣ କରିବେ । ହରିଙ୍କ ଦର୍ଶନରେ ଯେଉଁ ଫଳ ମିଳେ, ହରି ଚରଣାଶ୍ରିତ ସାଧୁଙ୍କ ଦର୍ଶନରେ ତତୋଧିକ ପୁଣ୍ୟଫଳ ମିଳେ । ବିଶ୍ୱାବସୁ ଶବର ବିଦ୍ୟାପତିଙ୍କୁ ପଚାରିଲେ, "ହେ ବିପ୍ର ! କେଉଁଠାରୁ ଆସି ଏହି ସୁଦୂର କାନନ ମଧ୍ୟରେ ପ୍ରବେଶ କରିଛ ? ତୁମେ କ୍ଷୁଧା, ତୃଷା ପ୍ରପୀଡିତ ଓ ଶ୍ରାନ୍ତ ହୋଇଛ । ସେ ତତ୍ପରେ ବିଦ୍ୟାପତି ଦ୍ୱିଜଙ୍କୁ ପାଦ୍ୟ ଆସନ ଓ ଅର୍ଘ୍ୟ ଦେଇ ଅତିଥି ସତ୍କାର କଲେ ସେ ଫଳାହାର ଦ୍ୱାରା କି ପାକ ଦ୍ୱାରା ପ୍ରାଣରକ୍ଷା କରିବେ ପଚାରିଲେ । ତାଙ୍କ ଅନୁସାରେ ସେ ପ୍ରସ୍ତୁତ କରିବେ ବୋଲି କହିଲେ ।

ସେ କହିଲେ "ଆଜି ମୋର ପରମ ସୌଭାଗ୍ୟ ଏବଂ ମୋ ଜୀବନ ଧନ୍ୟ ହେଲା ଯେହେତୁ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ସ୍ୱରୂପ ଆପଣଙ୍କୁ ମୁ ପାଇଛି" ।

ବିଶ୍ୱାବସୁ ସତ୍ୟ ଯୁଗର ପୁରୁଷ, ଜାତିରେ ଶବର, ନିବାସ ସ୍ଥାନ ନିବିଡ ଅରଣ୍ୟ ଓ ତାଙ୍କ ଗୃହସ୍ଥର ମୁଖ୍ୟଧର୍ମ ଅତିଥି ସେବା । ସେ ଅବନ୍ତୀରୁ ସମାଗତ ବିଦ୍ୟାପତିଙ୍କୁ ମର୍ଯ୍ୟାଦାର ସହିତ ଆତିଥ୍ୟ ପ୍ରଦାନ କଲେ । ମାତ୍ର ବିଦ୍ୟାପତି ଶ୍ରଦ୍ଧା ପ୍ରକାଶ କଲେ ନାହିଁ କାରଣ ତାଙ୍କ ମନପ୍ରାଣ ସର୍ବତୋଭାବେ ବ୍ୟାକୁଳ ହେଉଥାଏ କେବଳ ନୀଳମାଧବଙ୍କ ଦର୍ଶନ ପାଇଁ । ଭଗବତ ଶରଣାଗତ ଭକ୍ତଙ୍କର ପ୍ରଧାନ ଲକ୍ଷ୍ୟ ଥାଏ ପ୍ରାଣପ୍ରିୟ ପ୍ରଭୁଙ୍କ ଦର୍ଶନ ।

ତତ୍ପରେ ବିଦ୍ୟାପତି କହିଲେ ଯେ ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରେରିତ ହୋଇ ନୀଳମାଧବଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ଯେପର୍ଯ୍ୟନ୍ତ ତାଙ୍କ ଦର୍ଶନ କରି ରାଜାଙ୍କ ନିକଟକୁ ବାର୍ତ୍ତା ନ ନେବେ ସେ ପର୍ଯ୍ୟନ୍ତ ସେ ନିଶ୍ଚୟ ଅନାହାରରେ ରହିବେ । ବିଷ୍ଣୁଙ୍କୁ ଦର୍ଶନ କରାଇ ଦେବାକୁ ବିଶ୍ୱାବସୁ ଙ୍କୁ ଅନୁରୋଧ କଲେ । ତାଙ୍କ ଭିତରେ ଭଗବାନଙ୍କ ଦର୍ଶନ ପାଇଁ ଯେଉଁ ଅଦମ୍ୟ ଉତ୍କଣ୍ଠା ତାହା କେବଳ ପ୍ରଭୁଙ୍କ କରୁଣାରୁ ସମ୍ଭବ । ବିଶ୍ୱାବସୁ ଶବର ଚିନ୍ତାକୁଳ ହେଲେ, ତାଙ୍କ ପାଇଁ ବଡ ସଂକଟ ସମୟ ଉପସ୍ଥିତ ହେଲା ।

ବିଶ୍ୱାବସୁ ଥିଲେ ଶବର ପଲ୍ଲୀର ଅଧିନାୟକ । ତାଙ୍କର ଲଳିତା ନାମରେ ପରମା ସୁନ୍ଦରୀ କନ୍ୟାଟିଏ ଥିଲା । ବିଧି ନିର୍ଦ୍ଦେଶରେ ବିଶ୍ୱାବସୁଙ୍କର ବିଦ୍ୟାପତି ଜାମାତା ହେଲେ । ବିବାହର କିଛି ଦିନ ପରେ ବିଦ୍ୟାପତି ଲଳିତାଙ୍କୁ ପଚାରିଲେ ଯେ ତାଙ୍କ ବାପା ସବୁଦିନ ଫୁଲ ଓ ଫଳ ମୂଳ ଧରି କେଉଁଠିକି ଯାଉଛନ୍ତି ? ତାଙ୍କ ଠାରୁ ଉତ୍ତରରେ ଶୁଣିଲେ ବାପା ପ୍ରତିଦିନ ନୀଳକନ୍ଦରକୁ ନୀଳମାଧବଙ୍କ ପୂଜା ଅର୍ଚ୍ଚନା କରିବାକୁ ଯାଆନ୍ତି । ଏହାଶୁଣି ବିଦ୍ୟାପତି ପ୍ରଭୁଙ୍କ ଦର୍ଶନ କରିବାକୁ ଲଳିତାଙ୍କ ନିକଟରେ ଅଳି କଲେ । ଲଳିତା ଏକଥା ବାପାଙ୍କୁ କହିଲେ । ମାତ୍ର ଶୁଣିଲା ପରେ ବିଶ୍ୱାବସୁ ଚିନ୍ତିତ ହେଲେ । ଲଳିତାଙ୍କ ବାରମ୍ବାର ଅନୁରୋଧରେ ସେ ଗୋଟିଏ ସର୍ତ୍ତରେ ରାଜି ହେଲେ । ବିଦ୍ୟାପତିଙ୍କ ଚକ୍ଷୁରେ ଏକ ପଟି ବାନ୍ଧି ସେ ପ୍ରଭୁଙ୍କ ନିକଟକୁ ନେବେ ଓ ଆଣିବେ ବିଦ୍ୟାପତି ସର୍ତ୍ତରେ ରାଜି ହେଲେ । ବିଦ୍ୟାପତି ଗଲାବେଳେ ତାଙ୍କ ଉତ୍ତରୀୟରେ କିଛି ସୋରିଷ ବାନ୍ଧି ନେଲେ ଓ ସାମାନ୍ୟ ଖୋଲାରଖି ସାବଧାନରେ ରାସ୍ତାସାରା ବିଞ୍ଚି ବିଞ୍ଚି ଯାଉଥିଲେ । ନୀଳକନ୍ଦରରେ ପହଞ୍ଚି ବିଶ୍ୱାବସୁ ବିଦ୍ୟାପତିଙ୍କ ଆଖିର ପଟି ଖୋଲିଦେଲେ । ବିଦ୍ୟାପତି ଚମକି ପଡିଲେ, ତାଙ୍କୁ ଆଖି ଝଲସିଗଲା । ସେ ନୀଳମାଧବଙ୍କୁ ଦେଖି ମୂର୍ଚ୍ଛିତ ହୋଇଗଲେ । ଆବେଗମୟ ପ୍ରାଣରେ ପ୍ରାର୍ଥନା କଲେ ।


# ବହୁ ଚର୍ଚ୍ଚିତ ହତ୍ୟା ମାମଲାର.....(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଗୌରାଙ୍ଗ ପୋଢ଼ ଏବଂ କୃଷ୍ଣ ବରିହା ଓରଫ୍ ଝାଙ୍କରକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିଲେ । ତେବେ ଏହି ଘଟଣାରେ ଆହୁରି ତିନି ଜଣ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ଅନୁସଂଧାନରୁ ଜଣାପଡ଼ିବା ପରେ ଅଭିଯୁକ୍ତ କଳାରସିଂହ ମହାନନ୍ଦ, ଲକ୍ଷ୍ମଣ ମହାନନ୍ଦ ଓ ସତ୍ୟ ରାଉତକୁ ଚିଟ୍‌କାମାଲ୍ ଗାଁରୁ ଗିରଫ୍ କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ଭୁକ୍ତା ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ହତ୍ୟାକାଣ୍ଡ ଘଟିଥିବା ଘଟଣା ଦିନ ଚିଟ୍‌କାମାଲ୍ ଗାଁରେ ନାରାୟଣ ବରିହା, ସ୍ୱରୂପ ଘିଭେଲା ତଥା ଅନ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ସଭା ଡକାଯାଇ ଗାଁର ଚିନ୍ତାମଣି ବରିହା ଓ ତାଙ୍କ ପତ୍ନୀ ରୁକ୍ମଣୀ ବରିହା ଗୁଣି ଗାରେଡ଼ି କରି ଗ୍ରାମବାସୀଙ୍କ ଅନିଷ୍ଟ କରୁଥିବା ଭଳି ସଂଗୀନ ଅଭିଯୋଗ ଅଣାଯାଇଥିଲା । ଫଳସ୍ୱରୂପ ନାରାୟଣ ବରିହା, ସ୍ୱରୂପ ଘିଭେଲା, ଗୌରାଙ୍ଗ ପୋଢ଼, କୃଷ୍ଣ ବରିହା ଓରଫ୍ ଝାଙ୍କର, କଳାରସିଂହ ମହାନନ୍ଦ, ଲକ୍ଷ୍ମଣ ମହାନନ୍ଦ, ସତ୍ୟ ରାଉତ ଏବଂ ଅନ୍ୟ ଗ୍ରାମାବସୀମାନେ ମିଶି ଏହି ନିରୀହ ବୃଦ୍ଧ ଦମ୍ପତ୍ତିଙ୍କୁ ଅପମାନିତ କରିବା ସହ ଲାଠି, ଟାଙ୍ଗିଆ ଦ୍ୱାରା ଆକ୍ରମଣ କରିଥିଲେ ଓ ଗାଁ ସ୍କୁଲ ନିକଟସ୍ଥ ଟ୍ୟୁବ୍‌ୱେଲ୍ ପାଖରେ ନୃଶଂସ ହତ୍ୟା କରିଥିଲେ । ହତ୍ୟା ପରେ କେତେକ ଅଭିଯୁକ୍ତ ପତିପତ୍ନୀଙ୍କ ମୃତଦେହକୁ ଚିତା ଡୁଙ୍ଗିରିରେ ଫିଙ୍ଗି ଦେଇଥିଲେ । ଏହି ନୃଶଂସ ଘଟଣା ସାରା ଓଡ଼ିଶାରେ ଚାଂଚଲ୍ୟ ସୃଷ୍ଟି କରିଥିଲା ସେହି ସମୟରେ ।

# ପଶ୍ଚିମ ଓଡିଶାର 'ବାଗଡି ଖେଳ' ପ୍ରକଳ୍ପ ଟୟକାଥନ-୨୦୨୧ : ମୁଖ୍ୟ ମେନ୍‌ଟର୍ ବଲାଙ୍ଗିରର ବୋହୁ ଇତିସ୍ମିତା ବିଜୟିନୀ





ବଲାଙ୍ଗିର, (ନିପ୍ର) : ଓଡିଶା ତଥା ପଶ୍ଚିମ ଓଡିଶା ପାଇଁ ଗୌରବ ଆଣିଛି ଲୁପ୍ତପ୍ରାୟ ବାଗଡି ଖେଳ । ବହୁବର୍ଷ ପୂର୍ବରୁ ଏହି ଖେଳକୁ ପଶ୍ଚିମ ଓଡିଶାର ଝିଅ/ପୁଅମାନେ ଖେଳି ଆସୁଛନ୍ତି । କିନ୍ତୁ ଏବେ ଆଧୁନିକତାର ଛାପରେ ଏହି ଖେଳ ପ୍ରାୟ ଲୁପ୍ତ ହୋଇଗଲାଣି । ମୋବାଇଲ, ଟିଭିର ପ୍ରଭାବରେ ଏହି ଅଂଚଳର ପାରମ୍ପାରିକ ଖେଳକୁଦ ସବୁ ଲୋପ ହେବାକୁ ବସିଥିବା ବେଳେ ବଲାଙ୍ଗିରର ଜଣେ ବୋହୂ ଏହି ଖେଳକୁ କେନ୍ଦ୍ରସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଟୟକାଥନ କମ୍ପିଟିସନକୁ ନେଇ ବିଜୟୀ ହୋଇଛନ୍ତି । ବଲାଙ୍ଗିରର ବୋହୂ ତଥା ବଙ୍ଗାଇଗାଓଁରେ ଜବାହର ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଇତିସ୍ମିତା ମିଶ୍ରଙ୍କ ଟିମ ଏହି କମ୍ପିଟିସନରେ ଫାଇନାଲ ରାଉଣ୍ଡରେ ବିଜୟୀ ହୋଇଛନ୍ତି ।

ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ପାରମ୍ପାରିକ ଜ୍ଞାନକୌଶଳ, ଖେଳକୁଦ ପ୍ରକଳ୍ପ ଆହ୍ୱାନ କରାଯାଇଥିଲା । କେନ୍ଦ୍ରସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବୈଷୟିକ ଶିକ୍ଷା କାଉନସିଲ, ମହିଳା ଓ ଶିଶୁକଲ୍ୟାଣ ବିଭାଗ, ବାଣିଜ୍ୟ ଓ ଶିଳ୍ପ ବିଭାଗ, ଏମଏସଏମଇ, ଟେକ୍ସଟାଇଲ, ସୂଚନା ଓ ପ୍ରସାରଣ ବିଭାଗର ସହଯୋଗିତାରେ ଦେଶର ସବୁ ଅଂଚଳରୁ ପ୍ରକଳ୍ପ ଆହ୍ୱାନ କରାଯାଇଥିଲା । ଡିଜିଟାଲ ମୋଡରେ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରଥମେ ନୋଡାଲ୍ ସ୍ତରୀୟ, ଫାଇନାଲ୍ ଓ ଗ୍ରାଣ୍ଡ ଫାଇନାଲ୍ ପର୍ଯ୍ୟନ୍ତ ଦେଶର ଅନେକ ପ୍ରତିଯୋଗୀଙ୍କ ପ୍ରକଳ୍ପ ଯାଇଥିଲା । ଶେଷରେ ବାଗଡି ଖେଳ ପ୍ରକଳ୍ପକୁ ଶ୍ରେଷ୍ଠ ତାଲିକାରେ ସ୍ଥାନୀତ କରାଯାଇଛି । ଏକ ବୋର୍ଡରେ ଗାର ଟଣାଯାଇ ବାଘ ଓ ଛେଳିକୁ ନେଇ ଛକାପଞ୍ଝାର ଖେଳକୁ ପଶ୍ଚିମାଂଚଳରେ ବାଗଡି ଖେଳ ଖେଳାଯାଏ ।

ଏବେ ପ୍ରାୟ ଏହା ଲୁପ୍ତ ହେବାକୁ ବସିଛି । ତେଣୁ ଏହି ପ୍ରକଳ୍ପକୁ ପଠାଇ ଦେଶର ଏକ ସ୍ୱତନ୍ତ୍ର ଖେଳର ପରିଚୟ ଦେବାକୁ ଚେଷ୍ଟା କରାଯାଇଛି ବୋଲି ପ୍ରକଳ୍ପର ମେନଟର ଇତିସ୍ମିତା ମିଶ୍ର କହିଛନ୍ତି । ଆସାମର ବଙ୍ଗାଇଗାଓଁ ଜବାହର ନବୋଦୟ ବିଦ୍ୟାଳୟରୁ ଯାଇଥିବା ଟିମ୍ କ୍ରିଏଟିଭ ମାଷ୍ଟରଙ୍କ ଏହି ପ୍ରକଳ୍ପର ମେନଟର ଟିଜିଟି ଶିକ୍ଷୟତ୍ରୀ ଇତିସ୍ମିତା ମିଶ୍ର ଥିବା ବେଳେ ଲିଡର ଭାବରେ ଛାତ୍ର ଦିବ୍ୟେନ୍ଦୁ ଦାସ ଓ ସଭ୍ୟ ଭାବରେ ରବିଶଙ୍କର, କଲ୍ୟାଣ ବ୍ରହ୍ମା ରହିଥିଲେ ।


ବଲାଙ୍ଗିରର ଜଣେ ଜଣାଶୁଣା ଯୁବକ ତଥା ବଙ୍ଗାଇଗାଓଁରେ ଶିକ୍ଷକତା କରୁଥିବା ମନୋରଂଜନ ପାଢୀଙ୍କ ସ୍ତ୍ରୀ ହେଉଛନ୍ତି ଶିକ୍ଷୟତ୍ରୀ ଇତିସ୍ମିତା ।






# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ୱେବିନାର

ବଲାଙ୍ଗିର, (ନିପ୍ର) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୁଲ୍ୟରେ 'କୌଟିଲ୍ୟ ଅର୍ଥଶାସ୍ତ୍ରରେ ଲୋକ ପ୍ରାଶାସନ' ଶୀର୍ଷକରେ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, କୁଳ ସଚିବ ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ଉଦବୋଧନ ଦେବା ସହ ବିଶ୍ୱବିଦ୍ୟାଳୟରେ ଅନୁସନ୍ଧାନ ତଥା ଗବେଷଣାର ମହତ୍ତ୍ୱଏବଂ ସଂସ୍କୃତ ଭାଷାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ସଂସ୍କୃତ ବିଭାଗର ମୁଖ୍ୟ ଶ୍ରୀ ଅମରେଶ୍ୱର ନାଏକଙ୍କ ପରିଚାଳନାରେ ଆୟୋଜିତ ଏହି ୱେବିନାରରେ ବିଶ୍ୱଭାରତୀ ବିଦ୍ୟାଳୟର ସଂସ୍କୃତ ପ୍ରଧାପକ ପ୍ରୋଫେସର ଡ. ହରେକୃଷ୍ଣ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଦ୍ୟାଳୟ, ପୁସା(ବିହାର)ର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ଲୋକପ୍ରଶାସନରେ କୌଟିଲ୍ୟ ଅର୍ଥ ଶାସ୍ତ୍ରର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ । ଡେପୁଟି ରେଜିଷ୍ଟ୍ରାର ଶ୍ରୀ ବିଶ୍ୱଜିତ ବେହେରା ଏବଂ ଡିଇଓ ସୁବ୍ରତ ସାଦ ଯାନ୍ତ୍ରିକ ପରିଚାଳନା କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅଧ୍ୟାପିକା ଡ. ପ୍ରଭାସିନୀ ପାତ୍ର ମଙ୍ଗଳାଚରଣ ସହିତ ସଂଚାଳନ ଭାର ବହନ କରିଥିଲେ । ଅଧ୍ୟାପକ ଡ. ଦେବବ୍ରତ ନାଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପକ ଶ୍ରୀ ସଂଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଦ୍ୱାରା ଆୟୋଜିତ ଏହି ୱେବିନାର ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu